بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ଖଣ୍ଡ: ୪

ସଂଖ୍ୟା: 25

**ସମ୍ପାଦକ:** କମ୍ଫୁଲ୍ ହକ୍ ଖାନ୍

**ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ

ବାର୍ଷିକ ଦେୟ : ୬୦୦/-

www.badrqadian.in

3 ଜୁଲହଜ୍ଜା 1444 ହି.କ, 22 ଏହସାନ୍ 1402 ହି.ଶ 22 June 2023 ମସିହା

### ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡۤا اِنۡ تَتَّقُوا اللّٰهَ يَجۡعَلۡ لَّكُمۡ فُرۡقَانًا وَّيُكَفِّرۡ عَنۡكُمۡ سَيِّاٰتِكُمۡ وَيَغۡفِرۡ لَـكُمۡ‌ؕ وَاللّٰهُ ذُو الۡفَضۡلِ الۡعَظِيۡمِ

(ଅନ୍‌ଫାଲ୍-30)

ଅର୍ଥାତ ହେ ବିଶ୍ୱାସକାରୀମାନେ ! ଯଦି ତୁମେମାନେ ଅଲ୍ଲାଃଙ୍କୁ ଭୟ କରିବ ତା'ହେଲେ ଅଲ୍ଲାଃ ତୁମମାନଙ୍କ ସକାଶେ ଏକ ମସ୍ତବଡ଼ ପାର୍ଥକ୍ୟ ସୂଚକ ବସ୍ତୁ ସୃଷ୍ଟି କରିବେ ଏବଂ ତୁମମାନଙ୍କର ଦୋଷ ଦୁର୍ବଳତାକୁ ଦୂର କରି ତୁମମାନଙ୍କୁ କ୍ଷମା ପ୍ରଦାନ କରିବେ ଏବଂ ସେ ମହାନ ଅନୁଗ୍ରହକାରୀ ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟାବାନ୍, ଦୀର୍ଘାୟୁ ତଥା ନିଜର ସକଳ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

## ଯଦି କୌଣସି ବସ୍ତୁ ତଳେ ପଡ଼ିଥିବାର ମିଳେ

ହ. ଜୈଦ୍ ବିନ୍ ଖାଲିଦ୍ ଜୁହନୀ[ର.ଅ] ବର୍ଣ୍ଣନା କରନ୍ତି, ସେ କହିଲେ, ନବୀ କରୀମ୍ [ସ.ଅ]ଙ୍କ ନିକଟକୁ ଜଣେ ବ୍ୟକ୍ତି ଆସିଲା ଓ ସେ ଆପଣ[ସ.ଅ]ଙ୍କୁ ତଳେ ପଡ଼ିଥିବା ବସ୍ତୁ ସଂକ୍ରାନ୍ତରେ ପ୍ରଶ୍ନ କଲା । ଆପଣ ସ.ଅ କହିଲେ, ସେହି ତଳେ ପଡ଼ିଥିବା ବସ୍ତୁର ଥଳୀ ଓ ତା'ର ମୁହଁକୁ ଚିହ୍ନି ରଖ । ପୁନଶ୍ଚ ଏକ ବର୍ଷ ପର୍ଯ୍ୟନ୍ତ ଉକ୍ତ ପାଇଥିବା ବସ୍ତୁର ଘୋଷଣା କରୁଥାଅ । ଯଦି ତା'ର ପ୍ରକୃତ ସତ୍ତ୍ୱାଧିକାରୀ ଆସିଯାଏ ଏବଂ ସେ ନିଜ ହଜିଥିବା ବସ୍ତୁର ଦାବି କରେ ତେବେ ଠିକ୍ ଅଛି ତା'କୁ ତା'ର ବସ୍ତୁ ଫେରସ୍ତ କରିଦିଅ । ଅନ୍ୟଥା ତୁମେ ଯେପରି ଚାହିଁବ ସେହିପରି ଉକ୍ତ ବସ୍ତୁକୁ ବ୍ୟବହର କରିପାରିବ ଓ ତା'କୁ ନିଜ କାର୍ଯ୍ୟରେ ବିନିଯୋଗ କରିପାରବ । ସେହିପରି ଉକ୍ତ ବ୍ୟକ୍ତି ଜଣକ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହଜି ଯାଇଥିବା ଛେଳୀ ସଂକ୍ରାନ୍ତରେ କ'ଣ ଆଦେଶ ରହିଛି ? ଆପଣ[ସ.ଅ] କହିଲେ, ତାହା ତୁମ ପାଇଁ ଓ ତୁମ ଭାଇ ନିମନ୍ତେ ପ୍ରଯୁଜ୍ୟ ଅଟେ ଅବା ହେଟା ବାଘ ନିମନ୍ତେ । (ହଜି ଯାଇଥିବା ଓଟ ଓ ଅଜ୍ଞାତ ଓଟ ପାଇଁ କ'ଣ ଆଦେଶ ରହିଛି ? ଆପଣ[ସ.ଅ] କହିଲେ, ତୁମର ସେହି ଓଟ ସହିତ କି ସଂପର୍କ ? ତା' ସହିତ ତାହାର ମଶକିଜା (ଜଳ ଥଳୀ) ମଧ୍ୟ ଥାଏ ଓ ମୋଜା ମଧ୍ୟ ଥାଏ । ସେହି ମଶକିଜାରୁ ଓଟ ପାଣି ଯଦି ପାନ କରିନିଏ ଓ ବୃକ୍ଷରୁ ପତ୍ର ଚୋବାଇ ନିଏ, ଏପର୍ଯ୍ୟନ୍ତକି ତା'ର ମାଲିକକୁ ତା'ର ହଜି ଯାଇଥିବା ଓଟଟି ମିଳିଯାଏ ।

**(ସହୀ ବୁଖାରୀ, ଭାଗ-4, କିତାବୁଲ୍ ମୁସାକାତୁ, ପ୍ରକାଶନ ବର୍ଷ-2008 ମସିହା, ସ୍ଥାନ-କାଦିଆନ)**

**ମୃତ ବ୍ୟକ୍ତିମାନଙ୍କୁ ସାହାଯ୍ୟ ଭିକ୍ଷା କରିବାର ପନ୍ଥାକୁ ମୁଁ ଅତ୍ୟନ୍ତ ଘୃଣ୍ୟ ଚକ୍ଷୁରେ ଦେଖିଥାଏ । ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କେଉଁଠାରେ ବି ମୃତ ବ୍ୟକ୍ତିଙ୍କ ନିକଟକୁ ଯିବା ନିମନ୍ତେ ବିଶ୍ୱାସକାରୀ ଓ ମୁସଲମାନମାନଙ୍କୁ ନିର୍ଦ୍ଦେଶ ଦେଇ ନାହାନ୍ତି । ବରଂ ଏହା କହିଲେ ଯେ, كُوۡنُوۡا مَعَ الصّٰدِقِيۡنَ ର ଆଦେଶ ଦେଇ ଜୀବିତ ବ୍ୟକ୍ତିମାନଙ୍କ ସାହଚର୍ଯ୍ୟତ୍ୱ ପ୍ରାପ୍ତ କିରବା ନିମନ୍ତେ ଆଦେଶ ଦେଇଛନ୍ତି ।**

**ମୁଁ ସତ ସତ କହୁଛି ଯେ, ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ବିଶ୍ୱାସକାରୀଙ୍କ ସାହଚର୍ଯ୍ୟତ୍ୱ ଓ ସେମାନଙ୍କ ଗହଣରେ ରହି ନାହିଁ ସେପର୍ଯ୍ୟନ୍ତ ଉକ୍ତ ବ୍ୟକ୍ତିର ବିଶ୍ୱାସ ସଠିକ୍ ହୋଇପାରିବ ନାହିଁ ।**

## ପ୍ରତିଶ୍ରୁତ ମସିହ୍ ଅ.ସଙ୍କ ନିତୀବାଣୀ

**ସାଧୁଜନଙ୍କ ସାହଚର୍ଯ୍ୟତ୍ୱ ପ୍ରାପ୍ତ କରିବାର ଉଦ୍ଦେଶ୍ୟ :**

ପ୍ରକୃତ କଥା ଏହିକିଯେ, ମୃତକ ବ୍ୟକ୍ତିମାନଙ୍କ ଠାରୁ ସାହାଯ୍ୟ ଭିକ୍ଷା କରିବାର ପନ୍ଥାକୁ ମୁଁ ଘୃଣା ଚକ୍ଷୁରେ ଦେଖିଥାଏ । କାରଣ ଏହି କାର୍ଯ୍ୟ ହେଉଛି ଦୁର୍ବଳ ବିଶ୍ୱାସୀ ଲୋକମାନଙ୍କର କାର୍ଯ୍ୟ ଯେ, ସେମାନେ ମୃତକମାନଙ୍କ ନିକଟକୁ ଯାଆନ୍ତି ଏବଂ ଜୀବିତମାନଙ୍କ ଠାରୁ ସେମାନେ ଦୂରେଇ ଯାଆନ୍ତି । ଅଲ୍ଲାଃତାଲା କୁହନ୍ତି ଯେ, ହ. ୟୁସୁଫ୍ ଅ.ସଙ୍କ ଜୀବନରେ ଲୋକମାନେ ତାଙ୍କର ଅବତାରତ୍ୱକୁ ପ୍ରତ୍ୟାଖ୍ୟାନ କରୁଥିଲେ । ଯେଉଁ ଦିନ ତାଙ୍କର ବିୟୋଗ ହେଲା ସେଦିନ ସେମାନେ କହିଲେ, ଆଜି ଅବତାରତ୍ୱ ଶେଷ ହୋଇଗଲା । ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କେଉଁଠାରେ ମଧ୍ୟ ମୃତ ବ୍ୟକ୍ତିଙ୍କ ନିକଟକୁ ଯିବା ନିମନ୍ତେ, ସେମାନଙ୍କୁ ସାହାଯ୍ୟ ଭିକ୍ଷା କରିବା ନିମନ୍ତେ ବିଶ୍ୱାସକାରୀ ଓ ମୁସଲମାନମାନଙ୍କୁ ନିର୍ଦ୍ଦେଶ ଦେଇ ନାହାନ୍ତି । ବରଂ ଏହା କହିଲେ ଯେ, كُوۡنُوۡا مَعَ الصّٰدِقِيۡنَ ର (ସୁରାହ୍ ଅତ୍ ତୌବା-119) ଆଦେଶ ଦେଇ ଜୀବିତ ବ୍ୟକ୍ତିମାନଙ୍କ ସାହଚର୍ଯ୍ୟତ୍ୱ ପ୍ରାପ୍ତ କିରବାର ଆଦେଶ ଦେଇଛନ୍ତି । ଏହି କାରଣ ହେତୁ ମୁଁ ନିଜର ବନ୍ଧୁମାନଙ୍କୁ ବାରମ୍ବାର ଏଠାକୁ ଆସିବା ଏବଂ ମୋ ଗହଣରେ ରହିବା ନିମନ୍ତେ ତାଗିଦ୍ କରୁଛି ଓ ମୁଁ ଯେଉଁ ବ୍ୟକ୍ତି ବି ଏଠାକୁ ଆସି ରହିବା ନିମନ୍ତେ କହିଥାଏ, ତେବେ ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି ଯେ, ଏହା କେବଳ ଉକ୍ତ ବ୍ୟକ୍ତିର ଅବସ୍ଥା ଉପରେ ଦୟା ପ୍ରକଟ କରି ସହାନୁଭୂତି ଓ ହିତୈଷୀ ଉଦ୍ଦେଶ୍ୟରେ ହିଁ କହିଥାଏ । ମୁଁ ସତ ସତ କହୁଛି

ଯେ, ଯେପର୍ଯ୍ୟନ୍ତ ମନୁଷ୍ୟ ବିଶ୍ୱାସକାରୀଙ୍କ ସାହଚର୍ଯ୍ୟତ୍ୱରେ ରହି ନାହିଁ ସେପର୍ଯ୍ୟନ୍ତ ତା'ର ବିଶ୍ୱାସ ସଠିକ୍ ହୋଇପାରିବ ନାହିଁ । ଅତଃ ମନୁଷ୍ୟର ସ୍ୱଭାବ ବିଭିନ୍ନ ପ୍ରକାରର ହୋଇଥାଏ । ଏକ ସମୟରେ ପ୍ରତ୍ୟେକ ପ୍ରକାରର ସ୍ୱଭାବର ଅଧିକାରୀ ଥିବା ବ୍ୟକ୍ତିଙ୍କ ଅବସ୍ଥାନୁଯାୟୀ ଉପଦେଶକ ତୁଣ୍ଡରୁ ଏକ ପ୍ରକାରର ଉପଦେଶ ବାହାରି ନଥାଏ । ଏପରି ସମୟ ମଧ୍ୟ ଆସିଥାଏ ବା ଉପନୀତ ହୁଏ ଯେ,  ଉକ୍ତ ବ୍ୟକ୍ତିର ବୌଦ୍ଧିକତା ଏବଂ ବୁଦ୍ଧିମତା ଅନୁଯାୟୀ ତା'ର ପରିହାସ ଉପରେ ମଧ୍ୟ ହିତୈଷୀ ଉପଦେଶକ ବାର୍ତ୍ତାଳାପ ହୋଇଥାନ୍ତି, ଯଦ୍ୱାରାକି ଉକ୍ତ ବ୍ୟକ୍ତିକୁ ଏହାର ଲାଭ ତଥା ସୁଫଳ ମଧ୍ୟ ମିଳିଥାଏ । କିନ୍ତୁ ଯଦି ବ୍ୟକ୍ତି ବାରମ୍ବାର ଏଠାକୁ (ହ. ମସିହ୍ ମଉଦ୍ ଅ.ସଙ୍କ ନିକଟକୁ ଅର୍ଥାତ କାଦିଆନ୍‌କୁ) ନ ଆସେ ଏବଂ ଅଧିକ ଦିନ ଧରି ଏଠାରେ ନରୁହେ ତେବେ ସମ୍ଭବତଃ ତା' ବିଷୟରେ ଲୋକମାନେ ତଥା ଉପଦେଶକ ଏଭଳି କଥା ହୁଅନ୍ତି ଯେ, ଯାହା ତା'ର ହାସ୍ୟାନୁଯାୟୀ  ହାସ୍ୟାସ୍ପଦ ହୋଇ ନଥାଏ । ଫଳତଃ ସେହି କଥା ହେତୁ ତା' ମନ ଭିତରେ  ଉଦାସୀନ ଓ  ନିରୁତ୍ସାହ ଭାବ ସୃଷ୍ଟି ହୋଇଥାଏ ଏବଂ ସେ ସୁଚିନ୍ତାଧାରାର ମାର୍ଗ ଠାରୁ ଦୂରେଇ ଯାଇ ମୃତ୍ୟବରଣ କରିବ ।

ଅତଃ ପବିତ୍ର କୁରଆନ୍ କରୀମ୍‌ର ଉଦ୍ଦେଶ୍ୟାନୁଯାୟୀ ଜୀବିତ ବ୍ୟକ୍ତିଙ୍କ ସାହଚର୍ଯ୍ୟତ୍ୱ ତଥା ଜୀବିତ ବ୍ୟକ୍ତିଙ୍କ ଗହଣରେ ରହିବା ସିଦ୍ଧ ଅଟେ।

**(ମଲଫୁଜାତ୍ ଭାଗ-1, ପୃ-462, ପ୍ରକାଶନ ବର୍ଷ-2018 ମସିହା, ସ୍ଥାନ-କାଦିଆନ୍)**

## ଗତ ଶୁମାରାର ତଫ୍‌ସିର୍ କବିର୍‌ର ଅବଶିଷ୍ଟାଂଶ.......(ବିଷୟ ବସ୍ତୁ ଥିଲା- "ପବିତ୍ର କୁରଆନ୍ ପ୍ରତ୍ୟେକ ପାପରୁ ମନୁଷ୍ୟକୁ ରୋକିଥାଏ")

କିନ୍ତୁ ସମ୍ଭବତଃ ମନୁଷ୍ୟମାନେ ପାପକୁ ଦେଖି ତା' ଆଡ଼କୁ ଆକର୍ଷିତ ହୋଇ ଯାଆନ୍ତି ଏବଂ ନିଜର ଦୋଷ ଦୁର୍ବଳତା ହେତୁ ସେମାନେ ପାପ କର୍ମରେ ନିର୍ଲିପ୍ତ ହୋଇ ଯାଇଥାଆନ୍ତି । ଅତଏବ ଏହିଭଳି ବ୍ୟକ୍ତି ଅନ୍ୟ ଲୋକମାନଙ୍କ ପାଇଁ ଝୁଣ୍ଟିବାର କାରଣ ସାଜି ଥାଆନ୍ତି ।

ଦ୍ୱିତୀୟ ପ୍ରକାରର ଲୋକ ହେଉଛନ୍ତି ସେହିମାନେ ଯେଉଁମାନେ ପାପ ତଥା ଅପରାଧ ସୁଯୋଗ ସୃଷ୍ଟି ହେବା ସ୍ଥଳେ ତହିଁରୁ ବର୍ତ୍ତି ପାରନ୍ତି ନାହିଁ। ସେମାନଙ୍କୁ ପାପ ନିକଟକୁ ନଯିବା ନିମନ୍ତେ ବ୍ରହ୍ମଜ୍ଞାନମୂଳକ ଉପଦେଶ ଦେବା ପ୍ରଯୁଜ୍ୟ ଓ ଅଟେ । ସୁତରାଂ ମନୁଷ୍ୟ ଯଦି ଚାହିଁବ ତେବେ ସେ ପାପ ନିକଟକୁ ଯାଇ ମଧ୍ୟ ତହିଁରୁ ବର୍ତ୍ତି ପାରିବ ଅବା ନବର୍ତ୍ତି ମଧ୍ୟ ପାରିବ । ଉଭୟ ପରିସ୍ଥିତିରେ ବ୍ୟକ୍ତିକୁ ପାପ ନିକଟକୁ ଯିବା ଅନୁଚିତ୍। ଏକଥା ମଧ୍ୟ ସ୍ମରଣ ରଖିବା ଉଚିତ ଯେ, ଯେଉଁ ସ୍ଥାନ ଆଡ଼କୁ ଯିବା ବ୍ୟକ୍ତି ପକ୍ଷେ ଲାଭଦାୟକ, ଯଦି ବ୍ୟକ୍ତି ସେହି ଲାଭ ଆଡ଼କୁ ନଯାଏ ତେବେ ଏହାକୁ ଭୀରୁତା କୁହାଯିବ । କିନ୍ତୁ ଯେଉଁ ସ୍ଥାନ ଆଡ଼କୁ ଯିବା ନଯିବା ଲାଭ କ୍ଷତିର କିଛି ମାନେ ନଥାଏ ତେବେ ସେପରିପ୍ରେକ୍ଷୀରେ ତହିଁରୁ ପୃଥକ ବା ଦୂରେଇ ରହିବା କଦାପି ଭୀରୁତା ନୁହେଁ ।

سَآءَ سَبِيۡلًا ଶବ୍ଦ ପ୍ରୟୋଗ କରି ଅଲ୍ଲାଃତାଲା ଏହି ଆଡ଼କୁ ଇଙ୍ଗିତ କରିଛନ୍ତି ଯେ, ବ୍ୟଭିଚାରରେ ମନୁଷ୍ୟର ଚାରିତ୍ରିକ ପାପକୁ ବାଦଦେଲେ ଆହୁରି ଅନେକ ଅପକାରିତା ମଧ୍ୟ ରହିଛି । ସୁତରାଂ ଯେଉଁ ବ୍ୟକ୍ତି ବିବାହ କରେ ତେବେ ସିଏ ସତର୍କତା ଅବଲମ୍ବନ କରିନିଏ । କାରଣ ବ୍ୟକ୍ତି ଯେତେବେଳେ ଏକ କିଶୋରୀ କନ୍ୟା ସହିତ ବିବାହ କରେ ତେବେ ଉକ୍ତ  କନ୍ୟାର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ଉଚିତ ଓ ତା'କୁ କୌଣସି ମହାମାରୀ ବା ସଂକ୍ରାମକ ରୋଗ ନହୋଇ ଥିବା ଉଚିତ । ଉକ୍ତ କନ୍ୟାର ଅଭ୍ୟାସ ତଥା ଚରିତ୍ର ଉତ୍ତମ ହେବା ଉଚିତ । ଠିକ୍ ସେହିପରି କନ୍ୟାର ପରିଜନ ଓ ସଂପର୍କୀୟମାନେ ମଧ୍ୟ ବର କ୍ଷେତ୍ରରେ ମଧ୍ୟ ସମାନ ଗୁଣ ଓ ଅବଗୁଣ ଖୋଜି ଥାଆନ୍ତି । କିନ୍ତୁ ବ୍ୟଭିଚାରରେ କୌଣସି ସତର୍କତା ଅବଲମ୍ବନ କରାଯାଇ ପାରିବ ନାହିଁ । କାରଣ ବ୍ୟଭିଚାର ଯୌନ ଇଚ୍ଛା ଓ ଯୌନ ଲାଳସାର ତରଙ୍ଗ ଢେଉ ବୃଦ୍ଧି ପାଇବା ଯୋଗୁଁ ହିଁ ସୃଷ୍ଟି ହୋଇଥାଏ ଏବଂ ମନୁଷ୍ୟ ସେହି ସମୟରେ କୌଣସି ବାଛ ବିଚାର, ବୁଦ୍ଧି ବେବକ ଶୂନ୍ୟ ହୋଇ କୌଣସି  ପ୍ରକାରର ସତରକ୍ତା ଅବଲମ୍ବନ କରିପାରି ନଥାଏ । ଫଳସ୍ୱରୂପ ଅନେକ ପ୍ରକାରର ଯୌନ ରୋଗ ଅବା  ଆର୍ଥିକ ହାନୀ ଆକାରରେ ବ୍ୟକ୍ତିକୁ କ୍ଷତି ସହ୍ୟ କରିବାକୁ ପଡ଼ିଥାଏ । ଅତଏବ ଯୌନ ଲାଳସାକୁ ଚରିତାର୍ଥ କରିବାର ଉକ୍ତ ମାର୍ଗଟି ଅତ୍ୟନ୍ତ ବିପଦଜନକ ଅଟେ ।

ଉକ୍ତ ପ୍ରସଙ୍ଗଟି ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ମଧ୍ୟ ଦେଖିବାକୁ ମିଳୁଛି ଯେ, ବ୍ୟକ୍ତି ନିଜ ପତ୍ନୀ ସହିତ ଯେପରି ଶାରୀରିକ ସଂପର୍କ ରଖିଥାଏ ଠିକ୍ ସେହିପରି ଅବୈଧ ସଂପର୍କ ଜଣେ ବ୍ୟଭିଚାରୀ ବ୍ୟକ୍ତି ବ୍ୟଭିଚାରୀଣୀ ମିହାଳା ସହିତ ରଖିଥାଏ । କିନ୍ତୁ ଏସବୁ ସତ୍ତ୍ୱେ ଅନୈତିକ ଓ ଅବୈଧ ଯୌନ ସଂପର୍କ ରଖିବା ଦ୍ୱାରା ତାଥା ବ୍ୟଭିଚାରମୂଳକ ଘୃଣ୍ୟ କାର୍ଯ୍ୟ କରିବା ଫଳରେ ଯେଉଁ ପ୍ରକାରର ରୋଗ ସୃଷ୍ଟି ହୋଇଥାଏ ତାହା ନିଜ ପତ୍ନୀ ସହିତ ଯୌନ ସଂପର୍କ ବା ଶାରୀରିକ ସଂପର୍କ ରଖିଲେ ରୋଗ ସୃଷ୍ଟି ହୋଇ ନଥାଏ ଅବା ସ୍ୱଳ୍ପ ରୋଗ ସୃଷ୍ଟି ହୋଇଥାଏ । ସଂସାରରେ ଯେଭଳି ଲୋକମାନେ ଯୌନ ସଂକ୍ରାମକ ବ୍ୟାଧି କିମ୍ବା ମୁତ୍ରେନ୍ଦ୍ରୀୟ (ଗନେରିୟା ରୋଗ) ଆଦି ରୋଗରେ ପିଡ଼ୀତ ହୁଅନ୍ତି । ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ କେତେ ଲୋକ ଅଛନ୍ତି ଯେଉଁମାନେ ନିଜ ପତ୍ନୀ ଠାରୁ (ଅର୍ଥାତ ନିଜ ପତ୍ନୀ ସହିତ ବୈଧ ଶାରୀରିକ ସଂପର୍କ ରଖି) ଏପରି ଯୌନ ବ୍ୟାଧିରେ ପିଡ଼ୀତ ହୁଅନ୍ତି କି ? ସମ୍ଭବତଃ ଶହେ ଲୋକମାନଙ୍କ ମଧ୍ୟରୁ ଜଣେ ମଧ୍ୟ ନୁହଁନ୍ତି । ଅବଶିଷ୍ଟ ଅନେଶତ ଭାଗ ଅବା ତତୁର୍ଦ୍ଧ୍ୱ ଭାଗ ସେହି ରୋଗୀମାନେ ବ୍ୟଭିଚାର କାର୍ଯ୍ୟ କରି ରୋଗ ବ୍ୟାଧିରେ ଆକ୍ରାନ୍ତ ହୋଇଥାଅନ୍ତି । ସେହିପରି ଯେଉଁ ରୋଗରେ ସ୍ୱାମୀ ଓ ସ୍ତ୍ରୀକୁ କୌଣସି ଜଣକୁ ଉପରୋକ୍ତ ରୋଗରେ ଆକ୍ରାନ୍ତ ହୁଅନ୍ତି ତେବେ ତାହା ବାସ୍ତବରେ କୌଣସି ପୂର୍ବ ବ୍ୟାଭିଚାରମୂଳକ ପାପ କର୍ମ କରିବା ଯୋଗୁଁ ସୃଷ୍ଟି ହୋଇଥାଏ। ସୁତରାଂ ଅଲ୍ଲାଃତାଲା سَآءَ سَبِيۡلًا କହି(ବ୍ୟଭିଚାର କେଡ଼େ କୁକର୍ମ ଓ କୁମାର୍ଗ କାର୍ଯ୍ୟ ଅଟେ) ଏକ ବଳିଷ୍ଠ ସତ୍ୟତା ଆଡକୁ ମନୁଷ୍ୟର ଧ୍ୟାନ ଆକର୍ଷଣ କରିଛନ୍ତି । ବର୍ତ୍ତମାନ ଯାହା ରହିଛି ତାହା ଆମ ସମସ୍ତଙ୍କ ସମ୍ମୁଖରେ ରହିଛି । କିନ୍ତୁଏଥିପ୍ରତି ଖୁବ କମ ଲୋକମାନେ ଧ୍ୟାନ ଦିଅନ୍ତି ।

**(ତଫସିର୍ କବିର୍, ଭାଗ-4, ପୃ-328, ପ୍ରକାଶନ ବର୍ଷ-2010, ସ୍ଥାନ-କାଦିଆନ୍)**

# (ଖୁତ୍‌ବା ଜୁମା)

ହେ ଆଏଶା ! ମୁଁ ଚାହୁଁଥିଲି ଯେ, ମୋ ପରେ ମୁଁ ଅବୁ ବକରଙ୍କୁ ନାମାଙ୍କିତ ଓ ମନୋନୀତ କରିଦେଇ ଯିବି । କିନ୍ତୁ ମୁଁ ଜାଣେ ଯେ, ଅଲ୍ଲାଃତାଲା ଓ ବିଶ୍ୱାସାକାରୀମାନେ ଅବୁ ବକରଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଉପରେ ପ୍ରସନ୍ନିତ ହେବେ ନାହିଁ ।

ହଦିସ୍‌ରେ ସ୍ୱଷ୍ଟ ଉଲ୍ଲେଖ ରହିନଛି ଯେ, ସାହାବା ର.ଅ ମାନେ ପରସ୍ପର ସହିତ ବାର୍ତ୍ତାଳାପ ହେଉଥିଲେ ଏବଂ କହୁଥିଲେ ଯେ, ରସୁଲ୍ କରୀମ୍ ସ.ଅ ଙ୍କ ପରେ ଯଦି କୌଣସି ବ୍ୟକ୍ତିଙ୍କର ମାନମର୍ଯ୍ୟାଦା ରହିଛି ତେବେ ସେ ହେଉଛନ୍ତି ଅବୁ ବକର ।

ଆପଣ ର.ଅ ଅବତାରତ୍ୱ ପୋଥିର ଏକ ସଂପୂର୍ଣ୍ଣ ପାଣ୍ଡୁଲିପି ଥିଲେ ଏବଂ ଆପଣ ର.ଅ ଈଶ୍ୱରଙ୍କ ଶ୍ରେଷ୍ଠ, ସତ୍‌ସାହାସୀ ବ୍ୟକ୍ତିମାନଙ୍କର ଧର୍ମାଧ୍ୟକ୍ଷ ଥିଲେ । ଆପଣ ର.ଅ ଅବତାରମାନଙ୍କ ପରି ପୁଣ୍ୟ ସ୍ୱଭାବର ଅଧିକାରୀ ଥିବା ସ୍ୱଳ୍ପ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ।

ତୁମେମାନେ ନା ଖିଲାଫତ୍‌କୁ ନିଶ୍ଚିହ୍ନ କରିପାରିବ ଓ ନା ହିଁ ତୁମେମାନେ ଅବୁ ବକର ର.ଅ ଙ୍କୁ ଖିଲାଫତରୁ ବଞ୍ଚିତ କରିପାରିବ । କାରଣ ଖିଲାଫତ୍ ଏକ ଦିବ୍ୟାଲୋକ ଅଟେ । ସେହି ଦିବ୍ୟାଲୋକ ଅଲ୍ଲାଃତାଲାଙ୍କ ଲୀଳାମୃତ ପ୍ରକାଶର ଏକ ମାଧ୍ୟମ ଅଟେ । (ହ. ମୁସଲେହ୍ ମଉଦ୍ ର.ଅ)

ଆପଣ ର.ଅ ସମସ୍ତ ଶିଷ୍ଟାଚାରରେ ଆମର ପ୍ରିୟ ମୁନିବ ସ.ଅ ଙ୍କର ପ୍ରତିବିମ୍ବ ଓ ଛାୟୀ ସ୍ୱରୂପ ଥିଲେ ଓ ଆପଣ ର.ଅ ଙ୍କୁ ପୁରୁଷୋତ୍ତମ ହ. ମୁହମ୍ମଦ ସ.ଅ ଙ୍କ ସହିତ ଅନାଦିକାଳୀନ ସଂପର୍କ ରହିଥିଲା ଏବଂ ଏହି କାରଣରୁ ଆପଣ ର.ଅ ହୁଜୁର ସ.ଅ ଙ୍କ କୃପାରୁ ମୁହୂର୍ତ୍ତକ ମଧ୍ୟରେ ତାହାସବୁ ପ୍ରାପ୍ତ କରିନେଲେ ଯାହା ଅନ୍ୟମାନଙ୍କୁ ଦୀର୍ଘ କାଳ ଧରି ଓ ଦୂର ଦୂରାନ୍ତ ମହାଦ୍ୱୀପରେ ବାସ କରୁଥିବା ଲୋକମାନଙ୍କୁ ମଧ୍ୟ ପ୍ରାପ୍ତ ହୋଇପାରି ନଥିଲା । (ହ. ମସିହ୍ ମଉଦ୍ ଅ.ସ)

**ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ତଥା ମାର୍ଗଦର୍ଶୀ ଖଲିଫା ହ. ଅବୁ ବକର ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।**

**ରକିମ୍ ପ୍ରେସର ମୁବଲ୍ଲିଗ୍ ସିଲ୍‌ସିଲା ସ୍ୱର୍ଗତ ମୁହମ୍ମଦ୍ ଦାଉଦ୍ ଜଫର୍ ସାହେବଙ୍କ ନମାଜ ଯନାଜାଃ ହାଜିର ସେହିପରି ଅନ୍ୟ ଦୁଇ ଜଣ ମୃତକା ହେଲେ ସ୍ପେନର ସ୍ୱର୍ଗତ ମୌଲାନା କରମ୍ ଇଲାହୀ ଜଫର୍ ସାହେବଙ୍କ ପତ୍ନୀ ସମ୍ମାନନୀୟା ସ୍ୱର୍ଗତା ରୁକିୟା ଶମିମ୍ ବେଗମ୍ ସାହେବା ଓ ମିର୍ଜା ହନୀଫ୍ ଅହେମଦ ସାହେବଙ୍କ ପୁତ୍ରବଧୂଙ୍କ ପତ୍ନୀ ସମ୍ମାନନୀୟ ସ୍ୱର୍ଗତା ତାହିରା ହନୀଫ୍ ସାହେବାଙ୍କ ନମାଜ ଯନାଜାଃ ଗାଏବ୍ ଓ ଉତ୍ତମ ଚର୍ଚ୍ଚା ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 18Nov 2022 ମସିହା ଅନୁଯାୟୀ ୧୮ ନବୁଓତ୍ /୧୪୦୧ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ସର୍ବଶ୍ରେଷ୍ଠ ସତ୍ୟବାଦୀ ଖଲିଫା ହ. ଅବୁ ବକର ର.ଅ ଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ଆଁହଜରତ ସ.ଅ ଙ୍କ ଦୃଷ୍ଟିରେ ହ. ଅବୁ ବକର ର.ଅଙ୍କ ଯେଉଁ ମାନମର୍ଯ୍ୟାଦା ରହିଥିଲା ତତ୍‌ସଂପର୍କରେ ପୂର୍ବେ ମଧ୍ୟ ବର୍ଣ୍ଣନା ହୋଇ ସାରିଛି । ଅତିରିକ୍ତ ଭାବରେ ମଧ୍ୟ ବର୍ଣ୍ଣନା ବର୍ଣ୍ଣିତ ହୋଇଛି। ଯହିଁରୁ ଏହି ପ୍ରତୀତ ହୁଏ ଯେ, ଆଁହଜରତ ସ.ଅ ହ. ଅବୁ ବକର ର.ଅ ଙ୍କୁ ହିଁ କେବଳ ନିଜର ଉତ୍ତରାଧିକାରୀ ରୂପେ ମନୋନୀତ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ ତାହା ନୁହେଁ ବରଂ ଏହା ଇଙ୍ଗିତ କଲେ ଯେ, ଅଲ୍ଲାଃତାଲା ହିଁ ହ. ଅବୁ ବକର ର.ଅ ଙ୍କୁ ମୋ ଚାଲିଯିବା ପରେ (ମୃତ୍ୟୁ ପରେ) ମୋର ଖଲିଫା (ଉତ୍ତରାଧିକାରୀ) କରିବେ ।

ସୁତରାଂ ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃ ସ.ଅ ନିଜର ଶେଷ ରୋଗାବସ୍ଥା ସମୟରେ ମୋତେ କହିଲେ, ହେ ଆଏଶା ! ନିଜ ପିତାଶ୍ରୀ ଅବୁ ବକରଙ୍କୁ ଓ ତୁମର ଭାଇଙ୍କୁ ମୋ ନିକଟକୁ ଡାକ । କାରଣ ମୁଁ ଏକ ବିଷୟ ଉଲ୍ଲେଖ କରିଦେବି । କାରଣ ମୁଁ ଏହା ଆଶଙ୍କା କରୁଛି ଯେ, ଅନ୍ୟ କୌଣସି ବ୍ୟକ୍ତି ଯେପରି ଏହା ନକହୁ ଯେ, ସେ ଖିଲାଫତ୍‌ର ପ୍ରକୃତ ତଥା ଅଧିକ ଅଧିକାରୀ ଓ ଦାବିଦାର ଅଟେ । କିନ୍ତୁ ଅଲ୍ଲାଃତାଲା ଓ ବିଶ୍ୱାସକାରୀଙ୍କ ବ୍ୟତୀତ ଅନ୍ୟ ସମସ୍ତେ (ଲୋକମାନେ) ହ. ଅବୁ ବକର ର.ଅ ଙ୍କ ଖିଲାଫତ୍‌କୁ ଅସ୍ୱୀକାର କରିବେ । **(ସହୀ ମୁସଲିମ୍, କିତାବୁଲ୍ ଫଜାଏଲୁସ୍ ସାହାବା, ବାବୁ ମିନ୍ ଫଜାଏଲି ଅବି ବକ୍‌ରିନ୍ ର.ଅ, ହଦିସ୍ ନଂ-**

**6181) ଅର୍ଥାତ ଅନ୍ୟ କୌଣସି ବ୍ୟକ୍ତି ସ୍ୱୟଂକୁ ଖଲିଫା ରୂପେ ଆଖ୍ୟାୟିତ କରେ ତେବେ ସେପରିପ୍ରେକ୍ଷୀରେ ବିଶ୍ୱାସକାରୀମାନେ ଏହାକୁ ପ୍ରତ୍ୟାଖ୍ୟାନ କରିବେ ।** କିନ୍ତୁ ଶେଷରେ ହ. ଅବୁ ବକର ର.ଅ ହିଁ ପ୍ରକୃତ ଖଲିଫା ତଥା ଉତ୍ତରାଧିକାରୀ ହେବେ ।

ପୁନଶ୍ଚ ହୁଜୈଫା ବିନ୍ ୟମାନ୍ ର.ଅଙ୍କ ଏକ ବର୍ଣ୍ଣନା ରହିଛି, ସେ ବର୍ଣ୍ଣନା କଲେ ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ମୁଁ ଜାଣି ନାହିଁ ଯେ, ମୁଁ ତୁମମାନଙ୍କ ଗହଣରେ କେତେ ଦିନ ପର୍ଯ୍ୟନ୍ତ ଜୀବିତ ରହିବି? ଅତଏବ ତୁମେ ମୋତେ ଅନୁକରଣ କର ଓ ମୋ ପରବର୍ତ୍ତୀ ବ୍ୟକ୍ତିମାନଙ୍କୁ ମଧ୍ୟ ଅନୁକରଣ କର । ଆପଣ ସ.ଅଙ୍କର ଇଙ୍ଗିତ ହ. ଅବୁ ବକର ଓ ହ. ଉମର୍ ର.ଅଙ୍କ ଆଡ଼କୁ ଥିଲା। **(ସୁନନ୍ ଇବ୍‌ନେ ମାଜା, କିତାବୁସ୍ ସନତୁ, ବାବୁ ଫଜାଏଲି ଅସ୍‌ହାବୁର୍ ରସୁଲି ସ.ଅ, ହଦିସ୍ ନଂ-97)**

ହ. ଅବୁ ହୁରୈରାହ୍ ର.ଅ କୁହନ୍ତି ଯେ, ମୁଁ ନବୀ ସ.ଅଙ୍କ ଠାରୁ ଶୁଣିଛି ଆପଣ ସ.ଅ କହୁଥିଲେ ଯେ, ଏକଦା ମୁଁ ଶୋଇଥିଲି । ମୁଁ ନିଜକୁ ଏକ କୂପ ଉପରେ ବସିଥିବାର ଦେଖିଲି ଏବଂ ଉକ୍ତ କୂପ ଉପରେ ଏକ ବାଲଟି ଥିଲା । ମୁଁ ଉକ୍ତ କୂପ ମଧ୍ୟରୁ ଯେତେ ଚାହିଁଲି ସେତେ ଟାଣି ପାଣି ବାହାର କରିଦେଲି । ପୁନଶ୍ଚ ଇବ୍‌ନେ ଅବି କାହାଫା ଉକ୍ତ ବାଲଟି ନେଇ ନେଲେ ଓ ସେ ସେହି ବାଲଟି ସାହାଯ୍ୟରେ ଗୋଟିଏ ବାଲଟି କିମ୍ବା ଦୁଇ ବାଲଟି ଜଳ କୂପ ମଧ୍ୟରୁ ଟାଣି କାଢିଲେ । ସେ ଯେତେବେଳେ କୂପରୁ ପାଣି କାଢୁଥିଲେ ସେତେବେଳେ ଏହା ପ୍ରତୀତ ହେଉଥିଲା ଯେ, ସେ ଯେପରି ଦୁର୍ବଳ ଓ କ୍ଲାନ୍ତ ଜଣାପଡୁଛନ୍ତି । ଅଲ୍ଲାଃତାଲା ତାଙ୍କର ଏହି ଦୁର୍ବଳତାକୁ ଘଷ୍ଟି ଘୋଡ଼ାଇ ତାଙ୍କୁ ଅଣଦେଖା କରିବେ । ପୁନଶ୍ଚ ସେହି ବାଲଟିଟି ଚମତ୍କାର ଏକ ବଡ଼ ବାଲଟିରେ ପରିଣତ ହୋଇଗଲା ଏବଂ ଇବ୍‌ନେ ଖତ୍ତାବ ର.ଅ ଉକ୍ତ ବାଲଟିକୁ ଯେତେବେଳେ ଧରିଲେ ସେତେବେଳେ ମୁଁ କେବେ ବି ଲୋକମାନଙ୍କ ମଧ୍ୟରେ ଏଭଳି ଦଉଡ଼ିକୁ ଜୋରରେ ଟାଣୁଥିବା ବ୍ୟକ୍ତିକୁ ଦେଖି ନାହିଁ ଯେପରି ହ. ଉମର୍ କୂପ ମଧ୍ୟରୁ ଦଉଡ଼ି ଟାଣି ଜଳ କାଢୁଥିଲେ । ହ. ଉମର୍ କୂପ ମଧ୍ୟରୁ ଏତେ ପରିମାଣର ଜଳ କାଢିଲେ ଯେ, ସମସ୍ତ ଲୋକମାନଙ୍କର ତୃଷ୍ଣା (ଶୋଷ)ମେଣ୍ଟିଗଲା । ଫଳତଃ ସେମାନେ ନିଜ ନିଜ ସ୍ଥାନରେ ଯାଇ ବସି ପଡ଼ିଲେ । **(ସହୀହୁଲ୍ ବୁଖାରୀ, କିତାବ ଫଜାଏଲି ଅସ୍‌ହାବିନ୍ ନବୀ ସ.ଅ, ବାବୁ କୌଲିନ୍ ନବୀ ସ.ଅ ଲୌ କୁନ୍ତୁ ମୁତ୍ତଖିଜନ୍, ହଦିସ୍ ନଂ-3664)** ଅର୍ଥାତ ହ. ଅବୁ ବକର ର.ଅ ଓ ହ. ଉମର୍ ର.ଅ ଉଭୟଙ୍କ ସଂପର୍କରେ ଆପଣ ସ.ଅ କହିଲେ ଯେ, ଆପଣ ସ.ଅଙ୍କ ପରେ ଏମାନେ ଦୁହେଁ ଆପଣ ସ.ଅଙ୍କର ଉତ୍ତରାଧିକୀର (ଖଲିଫା) ହେବେ ।

ଉଫକ୍ ଘଟଣାର ଚର୍ଚ୍ଚା କରି ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ବକର ର.ଅଙ୍କ ଭୂମିକା ଓ ଆପଣ ର.ଅଙ୍କ ଶ୍ରେଷ୍ଠତ୍ୱର ବିସ୍ତୃତ ବିବରଣୀ ପୂର୍ବ ସାହାବାମାନଙ୍କର ଆଲୋଚନାର ବର୍ଣ୍ଣିତ ହୋଇ ସାରିଛି । ଏଠାରେ ଉକ୍ତ ଘଟଣାର ସଂକ୍ଷିପ୍ତ ଅଂଶ ଉପସ୍ଥାପିତ କରିଦେଉଛି । ଯହିଁରୁ ଭଲ ଭାବରେ ଏହା ସ୍ପଷ୍ଟ ହୋଇଯାଏ ଯେ, ହ. ଆଏଶା ର.ଅଙ୍କ ଉପରେ ଏହି ମହା ଦୋଷାରୋପ କରାଗଲା ଯେ, ବିପତ୍ତିର ପର୍ବତ ତ' ଆଏଶା ର.ଅଙ୍କ ଉପରେ ଖସି ପଡ଼ିଲା କିନ୍ତୁ ତାଙ୍କ ଅଭିଭାବକମାନଙ୍କର ରସୁଲୁଲ୍ଲାଃ ସ.ଅଙ୍କ ପ୍ରତି ଥିବା ପ୍ରେମ ଓ ଆନ୍ତରିକତା ତଥା ନବୀଙ୍କ ପ୍ରତି ଥିବା ସମ୍ମାନ ଓ ମର୍ଯ୍ୟାଦା ପୁତ୍ରୀ ଠାରୁ ଅଧିକ (ବଢିଯାଇ)ଥିଲା । ସେ ନିଜର ସୁପୁତ୍ରୀଙ୍କୁ ସେହି ଅବସ୍ଥାରେ ହିଁ ରହିବାକୁ ଦେଲେ ଯେଉଁଭଳି ଅବସ୍ଥାରେ ନବୀ କରୀମ୍ ସ.ଅ ଉଚିତ ମନେ କରିଥିଲେ । ଏପର୍ଯ୍ୟନ୍ତକି ଏକଦା ଯେତେବେଳେ ହ. ଆଏଶା ର.ଅ ନିଜର ପିତାଶ୍ରୀଙ୍କ ଘରକୁ ଆସିଲେ ସେତେବେଳେ ହ. ଅବୁ ବକର ର.ଅ ତାଙ୍କୁ ସେହି ମୁହୂର୍ତ୍ତରେ ନିଜ ଘରକୁ ପଠାଇ ଦେଇଥିଲେ । ସୁତରାଂ ବୁଖାରୀରେ ଉଲ୍ଲେଖ ରହିଛି ଯେ, ଉଫକ ଘଟଣା ସମୟରେ ହ. ଆଏଶା ର.ଅ ନବୀ କରୀମ୍ ସ.ଅଙ୍କ ଅନୁମତି କ୍ରମେ ଏକ ସେବକ ସହିତ ନିଜ ବାପ ଘରକୁ ଚାଲି ଯାଇଥିଲେ। ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ପିତାଶ୍ରୀଙ୍କ ଘର ମଧ୍ୟକୁ ପ୍ରବେଶ କଲି ଏବଂ ମୁଁ ନିଜର ମାତାଶ୍ରୀ ଉମ୍ମେ ରୁମ୍ମାନ୍‌ଙ୍କୁ ଘରର ନିମ୍ନ ଭାଗରେ ଓ ହ. ଅବୁ ବକର ର.ଅଙ୍କୁ ଘରର ଉପର ଭାଗରେ ପାଇଲି । ପିତାଶ୍ରୀ ପବିତ୍ର କୁରଆନ୍ କରୀମ ପାଠ କରୁଥିଲେ । ମୋର ମାତାଶ୍ରୀ କହିଲେ, ହେ ମୋର ପ୍ରିୟ ସୁପୁତ୍ରୀ ! କେମିତି ଆସିଲୁ ? ମୁଁ ତାଙ୍କୁ କହିଲି ଓ ତାଙ୍କୁ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କଲି । ହ. ଆଏଶା ର.ଅ କୁହନ୍ତି ଯେ, ମୁଁ କ'ଣ ଦେଖିଲି? ମୁଁ ଏହା ଅବଲୋକନ କଲି ଯେ, ମୋ ଆସିବା ଯୋଗୁଁ ମୋର ମାତାଶ୍ରୀ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କଲେ ନାହିଁ ଯେତେ ମୁଁ ହୋଇଥିଲି । ହ. ଆଏଶା ର.ଅ କହିଲେ, ମୁଁ ଭାବୁଥିଲି ଯେ, ମାତାଶ୍ରୀ ଘଟଣା ଶୁଣି ଚିନ୍ତିତ ଓ ବ୍ୟସ୍ତ ବିବ୍ରତ ହେଇ ପଡ଼ିବେ । କିନ୍ତୁ ସେ ଆଦୌ ଆଶ୍ଚର୍ଯ୍ୟିତ ହେଲେ ନାହିଁ । ହ. ଆଏଶା ର.ଅଙ୍କ ମାତାଶ୍ରୀ କହିବାକୁ ଲାଗିଲେ ଯେ, ହେ ମୋର ପ୍ରିୟ ସୁପୁତ୍ରୀ ! ନିଜ ବିରୁଦ୍ଧରେ ହୋଇଥିବା କଥାକୁ ସାଧାରଣ ବୋଲି ବୁଝ । କାରଣ ଅଲ୍ଲାଃତାଲାଙ୍କ ରାଣ ! ଏପରି ଘଟଣା ଖୁବ କମ ହୋଇଛି ଯେ, କୌଣସି ସୁନ୍ଦର ନାରୀ କୌଣସି ବ୍ୟକ୍ତି ନିକଟରେ ଥିବ ଯେଉଁ ନାରୀକୁ ଉକ୍ତ ବ୍ୟକ୍ତି ପ୍ରେମ କରୁଥିବ। ଉକ୍ତ ବ୍ୟକ୍ତିର ପତ୍ନୀର ସଉତୁଣୀମାନେ ଥିବେ କିନ୍ତୁ ସେମାନେ ଉକ୍ତ ସୁନ୍ଦର ନାରୀକୁ ଦେଖି ଇର୍ଷା କରୁଥିବେ ଓ ତା' ବିରୁଦ୍ଧରେ କୁମନ୍ତ୍ରଣା କରୁଥିବେ । ହ. ଆଏଶା ର.ଅ କୁହନ୍ତି, ଏହାର ମୋ ଉପରେ କୌଣସି ପ୍ରଭାବ ପଡ଼ି ନାହିଁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ହ. ଆଏଶାଙ୍କ ସଉତୁଣୀମାନଙ୍କ ମନରେ ଯେଉଁ ଈର୍ଷାଭାବ ରହିଛି ତାଙ୍କ ମନରେ ତାହାର କୌଣସି ପ୍ରଭାବ ନାହିଁ କି ଈର୍ଷା ମଧ୍ୟ ନାହିଁ । ମୁଁ କହିଲି, ଏସବୁ କଥାର ମୋ ଉପରେ କୌଣସି ପ୍ରଭାବ ପଡ଼ି ନାହିଁ । ମୁଁ କହିଲି, ମୋର ପିତାଶ୍ରୀ ମଧ୍ୟ ଏକଥା ଜାଣନ୍ତି କି ? ମାତାଶ୍ରୀ କହିଲେ, ହଁ । ପୁନଶ୍ଚ ଆଏଶା ର.ଅ କହିଲେ ଓ ନିଜର ମାତାଶ୍ରୀଙ୍କୁ ପଚାରିଲେ ଓ ରସୁଲୁଲ୍ଲାଃ ସ.ଅ ଏ ସଂପର୍କରେ କିଛି ଜାଣନ୍ତି କି ? ମାତାଶ୍ରୀ କହିଲେ, ହଁ ରସୁଲୁଲ୍ଲାଃ ମଧ୍ୟ ଜାଣନ୍ତି । ହ. ଆଏଶା ର.ଅ କୁହନ୍ତି ଏକଥା ଶୁଣିବା ପରେ ମୋ ଆଖିରୁ ଲୁହର ଧାର ଅବାରିତ ଭାବରେ ବହିବାକୁ ଆରମ୍ଭ ହୋଇଗଲା ଓ ମୁଁ କାନ୍ଦିବାକୁ ଲାଗିଲି। ହ. ଅବୁ ବକର ର.ଅ ଉପର କୋଠରୀରେ ବସି ପବିତ୍ର କୁରାନ ପଢୁଥିଲେ ମୋର ସ୍ୱର ଶୁଣିଲେ ତଳକୁ ଆସିଲେ ଏବଂ ମତାଶ୍ରୀଙ୍କୁ କହିଲେ ପୁତ୍ରୀର କ'ଣ ହୋଇଛି ? ମାତାଶ୍ରୀ କହିଲେ, ଝିଅକୁ ସେହି କଥା ଯୋଗୁଁ ଆଘାତ ଲାଗିଛି ଯାହାକି ତା' ବିରୁଦ୍ଧରେ ଲୋକମାନେ ବାଟଘାଟରେ କଥାବାର୍ତ୍ତା ହେଉଛନ୍ତି। ଏକଥା ଶୁଣି ହ. ଅବୁ ବକର ର.ଅଙ୍କ ଆଖରେ ଲୁହ ଝରିବା ଆରମ୍ଭ ହୋଇଗଲା । ହ. ଅବୁ ବକର ର.ଅ କହିବାକୁ ଲାଗିଲେ, ହେ ମୋର ପ୍ରିୟ ସୁପୁତ୍ରୀ ! ମୁଁ ତୁମକୁ ରାଣ ଦେଉଛି ଯେ, ତୁମେ ନିଜ ସ୍ୱାମୀଙ୍କ ଘରକୁ ଫେରିଯାଅ । ହ. ଆଏଶା ର.ଅ କୁହନ୍ତି, ମୁଁ ପିତାଶ୍ରୀଙ୍କ ଆଜ୍ଞା ପାଳନ କରି ସ୍ୱାମୀଙ୍କ ଘରକୁ ଫେରିଗଲି । **(ସହୀହୁଲ୍ ବୁଖାରୀ. କିତାବ ତଫ୍‌ସୀରୁଲ୍ କୁରଆନ, ତଫ୍‌ସୀର ସୁରତୁନ୍ ନୁର୍, ବାବୁ ଇନ୍ନଲ୍ ଲଜିନା ୟୁହିବୁନା ଅନ୍ ତଶିଅଲ୍ ଫାହିଶତା.... ବର୍ଣ୍ଣନା ସଂଖ୍ୟା 4757)**

ଉଫକ୍ ଘଟଣାର ଚର୍ଚ୍ଚାରେ ଉକ୍ତ ଘୃଣ୍ୟମୂଳକ ଷଡ଼ଯନ୍ତ୍ର ଓ ହ. ଅବୁ ବକର ର.ଅଙ୍କ ମାନମର୍ଯ୍ୟାଦା ସଂପର୍କରେ ବର୍ଣ୍ଣନା କରି ହ. ମୁସ୍‌ଲେହ୍

ମଉଦ୍ ର.ଅ ଏକ ସ୍ଥାନରେ ବର୍ଣ୍ଣନା କରିଛନ୍ତି ଯେ, ଆମମାନଙ୍କୁ ଚିନ୍ତା କରିବା ଉଚିତ ଯେ, ସେହି ଲୋକମାନେ କିଏ ଥିଲେ ଯେଉଁମାନଙ୍କୁ ଅକାରଣରେ ବଦନାମ କରିବା ପାଇଁ କପଟବିଶ୍ୱାସୀମାନେ ଓ ତାଙ୍କର ଅଧିପତିମାନେ ଷଡ଼ଯନ୍ତ୍ର ପ୍ରସ୍ତୁତ କରିଥିଲେ ଓ ତାହା ସେହି କପଟବିଶ୍ୱାସୀ ଅଧିପତିମାନଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇ ପାରିଥାଆନ୍ତା ? କେଉଁ କେଉଁ ଲୋକମାନଙ୍କ ସହିତ ଏହି ମାଧମରେ କପଟବିଶ୍ୱାସୀମାନେ ନିଜର ଶତ୍ରୁତା ବାହାର କରିପାରି ଥାଆନ୍ତେ ? ଅର୍ଥାତ ଜଣେ ଆଁହଜରତ ସ.ଅ ଓ ଅନ୍ୟ ଜଣେ ହ. ଅବୁ ବକର ର.ଅ ।

କାରଣ ହ. ଆଏଶା ର.ଅ ଜଣକର ପତ୍ନୀ ଅର୍ଥାତ ଆଁହଜରତ ସ.ଅଙ୍କର ପତ୍ନୀ ଥିଲେ ଏବଂ ଆଉ ଜଣଙ୍କର ସୁପୁତ୍ରୀ ଅର୍ଥାତ ହ. ଅବୁ ବକର ର.ଅଙ୍କର ପୁତ୍ରୀ ଥିଲେ । ଏହି ଦୁଇଟି ଅସ୍ତିତ୍ୱ ଏପରି ଥିଲା ଯେ, ସେମାନଙ୍କର ଲୋକନିନ୍ଦା ରାଜନୈତିକ ଏବଂ ଚାରିତ୍ରିକ ଦୃଷ୍ଟିରୁ କେତେକ ଖଳ ପ୍ରକୃତିର ଓ କପଟବିଶ୍ୱାସୀ ଲୋକମାନଙ୍କ ପାଇ ଲାଭପ୍ରଦ ସାବ୍ୟସ୍ତ ହୋଇପାରି ଥାଆନ୍ତା କିମ୍ବା କେତେକ ଲୋକମାନଙ୍କର ଉଦ୍ଦେଶ୍ୟ ହ. ଆଏଶା ର.ଅଙ୍କୁ ବଦ୍‌ନାମ କରିବାର ଥିଲା । ଅନ୍ୟଥା ହ. ଆଏଶା ର.ଅଙ୍କ ବଦ୍‌ନାମୀରୁ କୌଣସି ବ୍ୟକ୍ତିଙ୍କୁ କିଛି ଲାଭ କିପରି ପ୍ରାପ୍ତ ହୋଇପାରି ଥାଆନ୍ତା ? ବରଂ ଏହି ବିଚାର ହୋଇଥାଆନ୍ତା ଯେ, ହ. ଆଏଶା ର.ଅଙ୍କ ସଉତୁଣୀମାନେ ହ. ଆଏଶା ର.ଅ ଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ଦୃଷ୍ଟିରେ ତଳେ ପକାଇବା ଏବଂ ନିଜର ସ୍ତର ଏବଂ ସ୍ଥାନକୁ ଉଚ୍ଚ କରିବା ପାଇଁ କୌଣସି କୁକାର୍ଯ୍ୟରେ ଭାଗ ନେଇଥିଲେ ସେମାନଙ୍କୁ ଲାଭ ହୋଇଥାନ୍ତା। ଅର୍ଥାତ ଆଁହଜରତ ସ.ଅଙ୍କ ଅନ୍ୟ ପତ୍ନୀମାନଙ୍କୁ ହ. ଆଏଶ ର.ଅଙ୍କୁ ବଦ୍‌ନାମ କରି ସେମାନଙ୍କୁ ଲାଭ ପ୍ରାପ୍ତ ହୋଇଥାଆନ୍ତା । କିନ୍ତୁ ଇତିହାସ ଏକଥାର ସାକ୍ଷୀ ଯେ, ହ. ଆଏଶା ର.ଅଙ୍କ ସଉତୁଣୀମାନେ ଉକ୍ତ ପ୍ରସଙ୍ଗରେ କିଛି ବି ଅଂଶ ଗ୍ରହଣ କଲେ ନାହିଁ । ବରଂ ହ. ଆଏଶା ର.ଅଙ୍କ ନିଜସ୍ୱ କଥନ ରହିଛି ଯେ, ରସୁଲ୍ କରୀମ୍ ସ.ଅଙ୍କ ପତ୍ନୀମାନଙ୍କ ମଧ୍ୟରୁ ଯେଉଁ ପତ୍ନୀଙ୍କୁ ମୁଁ ନିଜର ମିତଣୀ ଓ ପ୍ରତିପକ୍ଷ ବୋଲି ବିଚାରେ କରୁଥିଲି ସେ ହେଉଛନ୍ତି ହ. ଜୈନବ ର.ଅ। ତାଙ୍କ ବ୍ୟତୀତ ମୁଁ ଅନ୍ୟ କୌଣସି ପତ୍ନୀଙ୍କୁ ନିଜର ମିତଣୀ ବୋଲି ବିଚାର କରୁ ନଥିଲି । କିନ୍ତୁ ହ. ଆଏଶା ର.ଅ କୁହନ୍ତି ଯେ, ହ. ଜୈନବ ର.ଅଙ୍କ ଏହି ଉପକାରକୁ ମୁଁ କେବେବି ଭୁଲି ପାରିବି ନାହିଁ । କାରଣ ମୋ ଉପରେ ଯେତେବେଳେ ଲୋକମାନେ ଲାଞ୍ଛନ ଲଗାଉଥିଲେ ସେତେବେଳେ ସବୁଠୁ ବେଶୀ ଯଦି କେହି ଉକ୍ତ ଲାଞ୍ଛନକୁ ଖଣ୍ଡନ ଓ ପ୍ରତିହତ କରୁଥିଲେ ତେବେ ସେ ଥିଲେ ହ. ଜୈନବ ର.ଅ ।

ସୁତରାଂ ହ. ଆଏଶା ର.ଅଙ୍କ ସହିତ ଯଦି ଆଁହଜରତ ସ.ଅଙ୍କ ପତ୍ନୀଙ୍କ ଶତ୍ରୁତା ହୋଇଥାଆନ୍ତା ତେବେ ସେମାନେ ହେଉଛନ୍ତି ଆପଣ ର.ଅ ଙ୍କ ସଉତୁଣୀମାନେ । ସେମାନେ ଯଦି ଚାହିଁ ଥାଆନ୍ତେ ତେବେ ସେମାନେ ଉକ୍ତ କୁକାର୍ଯ୍ୟରେ ଭାଗ ନେଇପାରି ଥାଆନ୍ତେ ଓ ହ. ଆଏଶା ର.ଅଙ୍କୁ ଆଁହଜରତ ସ.ଅଙ୍କ ଦୃଷ୍ଟିରୁ ତଳେ ପକାଇ ଦେଇପାରି ଥାଆନ୍ତେ ଏବଂ ନିଜର ସମ୍ମାନକୁ ଆଁହଜରତ ସ.ଅଙ୍କ ଦୃଷ୍ଟିରେ ଉଚ୍ଚ କରିପାରି ଥାଆନ୍ତେ। କିନ୍ତୁ ଇତିହାସ ଏକଥାର ସାକ୍ଷୀ ଯେ, ସେମାନେ ଏପ୍ରସଙ୍ଗରେ କିଛି ହସ୍ତକ୍ଷେପ କଲେ ନାହିଁ । ଯଦିବି କୌଣସି ବ୍ୟକ୍ତି ତତ୍‌ସଂପର୍କରେ ମୁହଁ ଖୋଲିଲା ବା ପଚାରିଲା ତେବେ ଆଁହଜରତ ସ.ଅଙ୍କ ପତ୍ନୀମାନେ ବିଶେଷ କରି ହେ. ଜୈନବ ର.ଅ ହ. ଆଏଶା ର.ଅଙ୍କ ଉଚ୍ଚ ପ୍ରଶଂସା କଲେ। ସୁତରାଂ ଆଁହଜରତ ସ.ଅଙ୍କ ଜଣେ ପତ୍ନୀଙ୍କ ସଂପର୍କରେ ଏହି ଚର୍ଚ୍ଚା ମିଳେ ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ସେହି ପତ୍ନୀଙ୍କୁ ପଚାରିଲେ ସେତେବେଳେ ସେ ଉତ୍ତର ଦେଲି ଯେ, ମୁଁ ତ' ହ. ଆଏଶା ର.ଅଙ୍କ ଠାରେ ସୁଗୁଣ ଓ ପରୋପକାରୀଣୀ, ହିତୈଷିଣୀ ବ୍ୟତୀତ ଅନ୍ୟ କିଛି ଦେଖି ନାହିଁ । ଅତଃ ହ. ଆଏଶା ର.ଅ ଙ୍କ ସହିତ ଯଦି କେହି ଶତ୍ରୁତା ବାହାର କରି ଥାଆନ୍ତା ତେବେ ସେମାନେ ହ. ଆଏଶା ର.ଅଙ୍କ ସଉତୁଣୀମାନେ ହୋଇଥାଆନ୍ତେ । କିନ୍ତୁ ସେମାନଙ୍କର ଉକ୍ତ ପ୍ରସଙ୍ଗରେ କୌଣସି ହାତ ନଥିବାର ପ୍ରମାଣ ମିଳେ ନାହିଁ କି ସେମାନେ ଦୋଷୀ ସାବ୍ୟସ୍ତ ହୁଅନ୍ତି ନାହିଁ ।

ସେହିପରି ପୁରଷମାନଙ୍କୁ ମହିଳାମାନଙ୍କ ସହିତ ଶତ୍ରୁତା କରିବାରେ କୌଣସି କାରଣ ଜଣାପଡୁ ନାହିଁ । ଅତଏବ ଆପଣ ର.ଅ ଙ୍କ ଉପରେ ଲାଞ୍ଛନ ଆଁହଜରତ ସ.ଅଙ୍କ ପ୍ରତି ଥିବା ବିଦ୍ୱେଷ ଯୋଗୁଁ ହିଁ ଲଗାଯାଇଥିଲା କିମ୍ବା ହ. ଅବୁ ବକର ର.ଅଙ୍କ ପ୍ରତି ଥିବା ବିଦ୍ୱେଷାଭାବ ଯୋଗୁଁ ହ. ଆଏଶା ର.ଅ ଉପେରେ ଲାଞ୍ଛନ ଲଗାଯାଇଥିଲା । ଆଁହଜରତ ସ.ଅଙ୍କୁ ଯେଉଁ ମର୍ଯ୍ୟାଦା ପ୍ରାପ୍ତ ଥିଲା ତାହା ଲାଞ୍ଛନ ପ୍ରୟୋଗକାରୀମାନେ କୌଣସି ମତେ ଛିନ୍ନ କରିପାରିବେ ନାହିଁ । ସେମାନେ ଯେଉଁ କଥାକୁ ଡରୁଥିଲେ ତାହା ଏହା ଥିଲା ଯେ, ରସୁଲୁଲ୍ଲାଃ ସ.ଅଙ୍କ ପରେ ମଧ୍ୟ ସେମାନେ ନିଜର ଉଦ୍ଦେଶ୍ୟ ଓ ଅଭିପ୍ରାୟକୁ ଚରିତାର୍ଥ କରିବା ରୁ ଯେ଼ପରି ବଞ୍ଚିତ ରହି ନ ଯାଆନ୍ତି। ସେମାନେ ଲକ୍ଷ୍ୟ କରୁଥିଲେ ଯେ, ଆଁହଜରତ ସ.ଅ ଙ୍କ ପରେ ଯଦି କୌଣସି ବ୍ୟକ୍ତି ଖଲିଫା ହେବା ନିମନ୍ତେ ଯୋଗ୍ୟ ତେବେ ସେ ହେଉଛନ୍ତି ହ. ଅବୁ ବକର ର.ଅ ।

ସୁତରାଂ ଉକ୍ତ ବିପଦକୁ ଉପଲବ୍ଧି କରି କପଟବିଶ୍ୱାସୀମାନେ ହ. ଆଏଶା ର.ଅଙ୍କ ଉପରେ ଲାଞ୍ଛନା ଲଗାଇଦେଲେ । କାରଣ ହ. ଆଏଶା ର.ଅ ନବୀ କରୀମ୍ ସ.ଅଙ୍କୁ ଦୃଷ୍ଟିରୁ ଯେପରି ତଳେ ପଡ଼ି ଯାଆନ୍ତୁ। ହ. ଆଏଶା ର.ଅ ଯେହେତୁ ହ. ଅବୁ ବକର ର.ଅଙ୍କ ସୁପୁତ୍ରୀ ଥିଲେ, ତେଣୁ ଏହି ବଦ୍‌ନାମୀ ଫଳରେ ହ. ଅବୁ ବକର ର.ଅଙ୍କୁ ମୁସଲମାନଙ୍କ ମଧ୍ୟରେ ଯେଉଁ ମାନମର୍ଯ୍ୟାଦା, ଯଶ ତଥା ଖ୍ୟାତି ପ୍ରାପ୍ତ ହୋଇଛି ତାହା କ୍ଷୁର୍ଣ୍ଣ ହୋଇଯିବ ଏବଂ ମୁସଲମାନମାନେ ହ. ଅବୁ ବକର ର.ଅଙ୍କ ପ୍ରତି କ୍ଷାନ୍ତ ଓ ବିତୃଷ୍ଣା ହୋଇଯିବେ ଏବଂ ହ. ଅବୁ ବକର ର.ଅଙ୍କୁ ଖଲିଫା କରିବାର ଅଭିଳାଷାକୁ ପରିତ୍ୟାଗ କରିଦେବେ। ଏହି କ୍ରମରେ ହ. ଅବୁ ବକର ର.ଅଙ୍କ ଖଲିଫା ହେବାର ସମସ୍ତ ମାର୍ଗ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ । ହ. ମୁସ୍‌ଲେହ ମଉଦ୍ ର.ଅ କୁହନ୍ତି ଯେପରି ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ଜୀବନରେ ପୈଗାମୀ ଗୋଷ୍ଠୀ ମୋ ଉପରେ ଆପତ୍ତି କରୁଥିଲେ ଏବଂ ମୋତେ ବଦ୍‌ନାମ କରିବା ପାଇଁ ଦୁର୍ବାର ତଥା ଆହରହ ଉଦ୍ୟମ କରୁଥିଲା ଠିକ୍ ସେହିପରି ହ. ଅବୁ ବକର ର.ଅଙ୍କୁ ମଧ୍ୟ କପଟବିଶ୍ୱାସୀମାନେ ବଦ୍‌ନାମ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କରିଥିଲେ । ଅତଏବ ଏହି କାରଣ ଥିଲା ଯେ, ଅଲ୍ଲାଃତାଲା ହ. ଆଏଶା ର.ଅଙ୍କ ଉପରେ ଲାଞ୍ଛନା ଲଗାଯାଇଥିବା ଘଟଣା ପରେ ଖିଲାଫତ୍‌ର ମଧ୍ୟ ଚର୍ଚ୍ଚା କଲେ ।

ହଦିସ୍‌ରେ ସ୍ପଷ୍ଟ ରୂପେ ଉଲ୍ଲେଖ ରହିଛି ଯେ, ସାହାବାମାନେ ପରସ୍ପର ସହିତ ବାର୍ତ୍ତାଳାପ ହେଉଥିଲେ ଯେ, ନବୀ କରୀମ୍ ସ.ଅଙ୍କ ପରେ ଯଦି କୌଣସି ବ୍ୟକ୍ତିର ମାନମର୍ଯ୍ୟାଦା ରହିଛି ତେବେ ସେ ହେଉଛନ୍ତି ହ. ଅବୁ ବକର ର.ଅ ।

ପୁନଶ୍ଚ ହଦିସ୍‌ରେ ଉଲ୍ଲେଖ ରହିଛି ଯେ, ଏକଦା ରସୁଲ୍ କରୀମ୍ ସ.ଅ ଙ୍କ ନିକଟକୁ ଏକ ବ୍ୟକ୍ତି ଆସିଲା ଏବଂ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ମୋର ଅମକ ଆବଶ୍ୟକତା ପୂରଣ କରି ଦିଅନ୍ତୁ । ଆପଣ ସ.ଅ କହିଲେ, ବର୍ତ୍ତମାନ ନୁହେଁ, ଆଉ କେତେବେଳେ ଆସିବ କରିଦେବି । ଉକ୍ତ ବ୍ୟକ୍ତି ଜଣକ ନିପଟ ମଫସଲ ବ୍ୟକ୍ତି ଥିଲା ଏବଂ ସଭ୍ୟତା ଓ ଶିଷ୍ଟାଚାର ଜ୍ଞାନ ଶୂନ୍ୟ

ଥିଲା । ସେ ସ୍ପଷ୍ଟ ଭାବରେ କହିଦେଲା ଯେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆପଣସ.ଅ ତ' ଜଣେ ମନୁଷ୍ୟ ଅଟନ୍ତି । ମୁଁ ଯଦି ଆଉଁ କେତେବେଳେ ଆସିବି ଓ ଆପଣସ.ଅ ଆଉ ଏ ଦୁନିଆରେ ନଥିବେ ସେତେବେଳେ ମୁଁ କ'ଣ କରିବି ? ଆପଣସ.ଅ ଉତ୍ତର ଦେଲେ, ମୁଁ ଯଦି ଏହି ଦୁନିଆରେ ନରହେ ତେବେ ତୁମେ ଅବୁ ବକରଙ୍କ ନିକଟକୁ ଚାଲି ଆସିବ, ସେ ତୁମର ସମସ୍ତ ଆବଶ୍ୟକତାକୁ ପୂରଣ କରିଦେବେ । ସେହିପରି ହଦିସ୍‌ମାନଙ୍କର ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃସ.ଅ ଏକଦା ହ. ଆଏଶା ର.ଅଙ୍କୁ କହିଲେ , ହେ ଆଏଶା ! ମୁଁ ଚାହୁଁଥିଲି ମୁଁ ନିଜ ମୃତ୍ୟୁ ପରେ ହ. ଅବୁ ବକରର.ଅଙ୍କୁ ଖିଲଫାତ ନିମନ୍ତେ ମନୋନୀତ କରିଦେବି । କିନ୍ତୁ ମୁଁ ଜାଣେ ଯେ, ଅଲ୍ଲାଃତାଲା, ବିଶ୍ୱାସକାରୀ ହ. ଅବୁ ବକରର.ଅଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଉପରେ ପ୍ରସନ୍ନିତ ହେବେ ନାହିଁ । ସେଇଥିପାଇଁ ମୁଁ କିଛି କହୁ ନାହିଁ । ସୁତରାଂ ସାହାବାମାନେ ପ୍ରାକୃତିକ ରୂପେ ଏହା ବୁଝୁଥିଲେ ଯେ, ରସୁଲ୍ କରୀମ୍ ସ.ଅଙ୍କ ପରେ ସେମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ବା ସାହାବାଙ୍କ ମାନମର୍ଯ୍ୟାଦା ରହିଛି ତେବେ ସେ ହେଉଛନ୍ତି ହ. ଅବୁ ବକରର.ଅ ଓ ସେ ହିଁ ଖଲିଫା ହେବା ନିମନ୍ତେ ଯୋଗ୍ୟ ଅଟନ୍ତି ।

ମକ୍କା ଠାରେ ଆଁହଜରତସ.ଅଙ୍କ ଜୀବନ ଶୈଳୀ ଏପରି ଥିଲା ଯେ, ସେଠାରେ ଶାସକ ଓ ଶାସନ ବ୍ୟବସ୍ଥାର ପ୍ରଶ୍ନ ଉଠୁ ନଥିଲା। କିନ୍ତୁ ରସୁଲ କରୀମସ.ଅ ମଦିନାରେ ଆଗମନ କରିବା ପରେ ସେଠାରେ ଶାସନ ବ୍ୟବସ୍ଥା ସ୍ଥାପିତ ହୋଇଥିଲା ଏବଂ ସହସା କପଟବିଶ୍ୱାସୀଙ୍କ ମନରେ ଏହି ପ୍ରଶ୍ନ ଉଙ୍କି ମାରିଲା ଯେ, ଆଁହଜରତସ.ଅଙ୍କ ମଦିନା ଆଗମନ ଫଳରେ ସେମାନଙ୍କର ସମସ୍ତ ଆଶା କ୍ରମଶଃ ମଉଳି ଗଲା। ଅବ୍‌ଦୁଲ୍ଲାଃ ବିନ୍ ଉବେଁ ବିନ୍ ସୁଲୁଲ୍ ଯେତେବେଳେ ଏହା ଦେଖିଲା ଯେ, ଶାସକତ୍ୱର ସମସ୍ତ ସମ୍ଭାବନା ସମାପ୍ତ ହେବାକୁ ବସିଲାଣି ସେତେବେଳେ ସେ କ୍ରୋଧ ଜର୍ଜରିତ ହେଲା ଏବଂ ପ୍ରକାଶ୍ୟ ରୂପେ ସେ ମୁସଲମାନମାନଙ୍କ ସହିତ ଯାଇ ମିଶିଗଲା । କିନ୍ତୁ ସେ ସର୍ବଦା ଇସ୍‌ଲାମ୍ ଧର୍ମରେ ବାଧା ଓ ବିଘ୍ନ ସୃଷ୍ଟି କରୁଥିଲା । ବର୍ତ୍ତମାନ ସେ ଯଦିଓ କିଛି କରିପାରୁ ନଥିଲା, ତେଣୁ ତା' ମନରେ ଯଦି କୌଣସି ଇଚ୍ଛା ସୃଷ୍ଟି ହୋଇପାରି ଥାଆନ୍ତା ତେବେ କେବଳ ଏତିକି ଯେ, ମହମ୍ମଦ ସ.ଅଙ୍କ ମୃତ୍ୟୁ ଘଟୁ ଏବଂ ମୁଁ ମଦିନାର ଶାସକ ଓ ସମ୍ରାଟ ହେବି । କିନ୍ତୁ ଯେତେବେଳେ ମୁସଲମାନମାନଙ୍କ ମଧ୍ୟରେ ଶାସକତ୍ୱ ଓ ଶାସନ ବ୍ୟବସ୍ଥା ସ୍ଥାପନ ହେଲା ଏବଂ ଏକ ନୂତନ ବ୍ୟବସ୍ଥା ସେ ଦେଖିଲେ ସେତେବେଳେ ସେମାନେ ରସୁଲୁଲ୍ଲାଃସ.ଅଙ୍କୁ ବିଭିନ୍ନ ପ୍ରଶ୍ନ ପୁଚାରିବା ଆରମ୍ଭ କରିଦେଲେ ଯେ, ଇସଲାମୀୟ ଶାସନର କ'ଣ ସବୁ ନୀତି ନିୟମ ରହିଛି ? ଆପଣସ.ଅଙ୍କ ପରେ ଇସଲାମ୍ ଧର୍ମର କି ଦଶା ହେବ ବା କି ଅବସ୍ଥା ହେବ ? ସେପରିପ୍ରେକ୍ଷୀରେ ମୁସଲମାନମାନମଙ୍କୁ କ'ଣ କରିବା ଉଚିତ ? ଅବ୍‌ଦୁଲ୍ ବିନ୍ ଉବେଁ ବିନ୍ ସୁଲୁଲ ଯେତେବେଳେ ଏହି ଅବସ୍ଥାକୁ ଦେଖିଲା ସେତେବେଳେ ତା' ମନ ଭିତରେ ଏହି ଭୟ ସୃଷ୍ଟି ହେବାକୁ ଲାଗିଲା ଯେ, ବର୍ତ୍ତମାନ ଇସ୍‌ଲାମୀୟ ଶାସନ ବ୍ୟବସ୍ଥା ଏହିଭଳି ଢାଞ୍ଚାରେ ସ୍ଥାପିତ ହେବ ଯେ, ଯହିଁରେ ଅର୍ଥାତ ଯେଉଁ ଶାସନ ବ୍ୟବସ୍ଥାରେ ତା'ର କୌଣସି ଅଂଶ ରହିବ ନାହିଁ । ତେଣୁ ସେ ସେହି ପରିସ୍ଥିତିକୁ ରୋକିବାକୁ ଚାହୁଁଥିଲା । ଏଥି ନିମନ୍ତେ ଯେତେବେଳେ ସେ ଏହି ଚିନ୍ତା କଲା ସେତେବେଳେ ତା'କୁ ଏହା ଦୃଶ୍ୟମାନ ହେଲା ଯେ, ଯଦି ଇସ୍‌ଲମୀୟ ଶାସନକୁ ଇସଲାମୀୟ ନୀତି ଉପରେ ଯଦି କୌଣସି ବ୍ୟକ୍ତି ପ୍ରତିଷ୍ଠିତ କରିପାରିବ ତେବେ ସେହି ବ୍ୟକ୍ତି ହେଉଛନ୍ତି ହ. ଅବୁ ବକରର.ଅ ଏବଂ ରସୁଲ୍ କରୀମସ.ଅଙ୍କ ପରେ ମୁସଲମାନମାନଙ୍କ ଦୃଷ୍ଟି ତା'ରି ଆଡ଼କୁ ନିକ୍ଷେପ ହୁଏ। ଅର୍ଥାତ ହ. ଅବୁ ବକରର.ଅଙ୍କ ଆଡ଼କୁ ଏବଂ ମୁସଲମାନମାନେ ହ. ଅବୁ ବକରର.ଅଙ୍କୁ ଅନ୍ୟ ସମସ୍ତ ବ୍ୟକ୍ତିଙ୍କ ଅପେକ୍ଷା ସମ୍ମାନିତ ବ୍ୟକ୍ତି ବୋଲି ମନେ କରନ୍ତି । ସୁତରାଂ ସେ ନିଜର ହିତ ତହିଁରେ ହିଁ ଦେଖିଲା ଯେ, ହ. ଆଏଶାର.ଅଙ୍କୁ ବଦ୍‌ନାମ କରିଦିଆଯାଉ ଓ ହ. ଅବୁ ବକରର.ଅଙ୍କୁ ଲୋକଙ୍କ ଦୃଷ୍ଟିରେ ତଳେ ପକାଇ ଦିଆଯାଉ। କେବଳ ସେତିକି ନହେଁ ବରଂ ହ. ଅବୁ ବକର ର.ଅଙ୍କ ସୁପୁତ୍ରୀ ହ. ଆଏଶା ର.ଅଙ୍କୁ ମଧ୍ୟ ଆଁହଜରତ ସ.ଅଙ୍କ ଦୃଷ୍ଟିରେ ତଳେ ପକାଇ ଦିଆଯାଉ ଓ ଉକ୍ତ କୁଉଦ୍ଦେଶ୍ୟକୁ ଚରିତାର୍ଥ କରିବାର ସୁଯୋଗ ହ. ଆଏଶାର.ଅ ଏକ ଯୁଦ୍ଧରେ ପଛରେ ରହିଯିବାର ଘଟଣାରୁ ହିଁ ପ୍ରାପ୍ତ ହୋଇଗଲା। ଉକ୍ତ ଅସାଧୁ ଓ ପିଶାଚ ବ୍ୟକ୍ତି ଆପଣ ର.ଅ (ହ. ଆଏଶାର.ଅ) ଙ୍କ ଉପରେ କୁଳାଞ୍ଚନା ପ୍ରୟୋଗ କଲା ଯାହା ପବିତ୍ର କୁରଆନ କରୀମ୍‌ରେ ଇଙ୍ଗିତ ରୂପେ ବର୍ଣ୍ଣିତ ହୋଇଛି ଏବଂ ହଦିସ୍‌ମାନଙ୍କରେ ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଉଲ୍ଲେଖ ରହିଛି ।

ଅବ୍‌ଦୁଲ୍ଲାଃ ବିନ୍ ଉବେଁ ବିନ୍ ସୁଲୁଲ୍‌ର ଏହି ଅଭିପ୍ରାୟ ଥିଲା ଯେ, ଏହି ପ୍ରକାରର ଲାଞ୍ଛନ ହ. ଆଏଶାର.ଅଙ୍କୁ ଉପେରେ ଲଗାଇଲେ ହ. ଅବୁ ବକରର.ଅ ଲୋକମାନଙ୍କ ଦୃଷ୍ଟିରେ ମଧ୍ୟ ତିରସ୍କୃତ ହୋଇଯିବେ ଏବଂ ଆପଣର.ଅଙ୍କ ସଂପର୍କ ଆଁହଜରତସ.ଅଙ୍କ ସହିତ ଖରାପ ହୋଇଯିବ । ଫଳତଃ ଉକ୍ତ ଇସ୍‌ଲାମୀୟ ଶାସନ ବ୍ୟବସ୍ଥା ସ୍ଥାପନ ହେବାରେ ବିଘ୍ନତା ସୃଷ୍ଟି ହୋଇଯିବ । କାରଣ ଅବ୍‌ଦୁଲ୍ଲାଃ ବିନ୍ ଉବେଁ ବିନ୍ ସୁଲଲ୍‌କୁ ଦୃଢ ଇସ୍‌ଲାମୀୟ ଶାସନ ବ୍ୟବସ୍ଥା ସ୍ଥାପିତ ହେବାର ଦୃଶ୍ୟ ସ୍ପଷ୍ଟ ରୂପେ ଦୃଶ୍ୟମାନ ହେଉଥିଲା ଏବଂ ଏହି ଶାସନ ବ୍ୟବସ୍ଥା ସ୍ଥାପନ ହେବା ଫଳରେ ତା'ର ସମସ୍ତ ଆଶା ଓ ଆକାଂକ୍ଷା ଧୂଳିସାତ ହୋଇଯିବ । ଆଁହଜରତସ.ଅଙ୍କ ବିୟୋଗ ପରେ ଶାସକ ହେବାର ସ୍ୱପ୍ନ କେବଳ ଅବ୍‌ଦୁଲ୍ଲାଃ ଉବେଁ ବିନ୍ ସୁଲୁଲ୍ ଦେଖୁ ନଥିଲା ବରଂ ଅନ୍ୟ ଲୋକମାନେ ମଧ୍ୟ ଉକ୍ତ ବ୍ୟାଧିରେ ପୀଡ଼ିତ ଥିଲେ । କାରଣ କପଟବିଶ୍ୱାସୀ ସର୍ବଦା ନିଜର ମୃତ୍ୟୁକୁ ଦୂର ବୋଲି ବିବେଚିତ କରିଥାଏ ଏବଂ ଅନ୍ୟର ମୃତ୍ୟୁ ସଂପର୍କରେ ସେ ଆକଳନ ଓ ଭବିଷ୍ୟତବାଣୀ କରିଥାଏ । ଅତଃ ଅବ୍‌ଦୁଲ୍ଲାଃ ବିନ୍ ଉବେଁ ବିନ୍ ସୁଲୁଲ୍ ମଧ୍ୟ ନିଜର ମୃତ୍ୟୁକ ଦୂର ବୋଲି ଭାବୁଥିଲା। ସେ ଏହା ଜାଣି ନଥିଲା ଯେ, ରସୁଲ୍ କରୀମ୍ସ.ଅଙ୍କ ଜୀବନରେ ହିଁ ସେ ଗୋଇଠି ଘସି ଘସି ପ୍ରାଣ ହରାଇବ । ତେଣୁ ସେ ଏହି ଆକଳନ କରୁଥିଲା ଯେ, ରସୁଲୁଲ୍ଲାଃସ.ଅଙ୍କ ମୃତ୍ୟୁ ଉପରାନ୍ତ ମୁଁ ଆରବ ଦେଶର ଶାସକ ହୋଇଯିବି । କିନ୍ତୁ ବର୍ତ୍ତମାନ ସେ ଏହା ଦେଖିଲା ଯେ, ଅବୁ ବକରର.ଅଙ୍କ ପୁଣ୍ୟ, ଧର୍ମପରାୟଣତା ଏବଂ ମାନ ମର୍ଯ୍ୟାଦା ମୁସଲମାନମାନଙ୍କ ମଧ୍ୟରେ ସର୍ବତ୍ର ଗୃହୀତ । ଆଁହଜରତସ.ଅ ଯେତେବେଳେ ନମାଜ ପାଠ କରାଇବା ନିମନ୍ତେ ଆସିପାରୁ ନଥିଲେ ସେତେବେଳେ ହ. ଅବୁ ବକରର.ଅ ଆଁହଜରତସ.ଅଙ୍କ ସ୍ଥାନରେ ନମାଜ ପଢାଉଥିଲେ । ଲୋକମାନଙ୍କୁ ଯେତେବେଳେ କୌଣସି ଧର୍ମାଜ୍ଞା ସଂକ୍ରାନ୍ତରେ ପ୍ରଶ୍ନ ପଚାରିବାର ସୁଯୋଗ ମିଳୁ ନଥିଲା ତେବେ ସେ କ୍ଷେତ୍ରରେ ମୁସଲମାନମାନେ ହ. ଅବୁ ବକରର.ଅ ଙ୍କ ଠାରୁ ଧର୍ମାଜ୍ଞା ସଂକ୍ରାନ୍ତରେ ପ୍ରଶ୍ନ କରୁଥିଲେ। ଏହା ଦେଖି ଅବ୍‌ଦୁଲ୍ଲାଃ ଉବେଁ ବିନ୍ ସୁଲୁଲ୍ ଯେକି ଭାବି ସମ୍ରାଟ ହେବାର ଆଶା ବାନ୍ଧିଥିଲା ସେ ଅତ୍ୟନ୍ତ ଚିନ୍ତିତ ହେଲା ଏବଂ ସେ ଏହା ଚାହିଁଲା ଯେ, ଏହାର ଯତାଶୀଘ୍ର ପ୍ରତିକାର କରାଯାଉ । ସୁତରାଂ ଉକ୍ତ ପ୍ରସଙ୍ଗର ପ୍ରତିକାର କରିବା ଓ ହ. ଅବୁ ବକରର.ଅଙ୍କ ମାନ ମର୍ଯ୍ୟାଦା ତଥା ତାଙ୍କର ଖ୍ୟାତିକୁ ମୁସଲମାନମାନଙ୍କ ଦୃଷ୍ଟିରେ ତଳକୁ ଖସାଇ ଦେବା ପାଇଁ ସେ ହ. ଆଏଶାର.ଅଙ୍କ ଉପରେ

ଲାଞ୍ଛନା ଲଗାଇ ଦେଲା । କାରଣ ହ. ଆଏଶା[ର.ଅ] ଙ୍କ ଉପରେ ଲାଞ୍ଛନା ଲାଗିବା ଯୋଗୁଁ ରସୁଲ୍ କରୀମ୍[ସ.ଅ] ହ. ଆଏଶା[ର.ଅ]ଙ୍କୁ ଘୃଣା କରିବେ ଏବଂ ଏହି ଘୃଣାର ପରିଣାମ ଏହା ବାହିରିବ ଯେ, ହ. ଅବୁ ବକର[ର.ଅ]ଙ୍କୁ ଆଁହଜରତ[ସ.ଅ] ଓ ମୁସଲମାନମାନଙ୍କ ଦୃଷ୍ଟିରେ ଯେଉଁ ମାନମର୍ଯ୍ୟାଦ ପ୍ରାପ୍ତ ହୋଇଛି ତାହା କ୍ରମଶଃ ହ୍ରାସ ପାଉ ଏବଂ ଆସନ୍ତାରେ ଆପଣ[ର.ଅ] ଖଲିଫା ହେବାର ଯେଉଁ ସମ୍ଭାବନା ରହିଛି ତାହା ଯେପରି ସମାପ୍ତ ହୋଇଯାଉ । ସୁତରାଂ ଉକ୍ତ ପ୍ରସଙ୍ଗର ଚର୍ଚ୍ଚା କରି ଅଲ୍ଲାଃତାଲା ପବିତ୍ର ରଆନ୍‌ରେ କୁହନ୍ତି, **"ଇନ୍ନଲ୍ ଲଜିନା ଜାଉ ବିଲ୍ ଉଫ୍‌କି ଉସ୍‌ବତୁନ୍ ମିନ୍‌କୁମ୍" ଅର୍ଥାତ ସେହି ଲୋକମାନେ ଯେଉଁମାନେ ହ. ଆଏଶା ର.ଅଙ୍କ ଉପରେ ଲାଞ୍ଛନା ଲଗାଇଲେ, ସେମାନେ ନିଜକୁ ମୁସଲମାନ ବୋଲାଉଛନ୍ତି ସେମାନେ ଏକ ଗୋଷ୍ଠୀ ଅଟନ୍ତି ।** କିନ୍ତୁ ଅଲ୍ଲାତାଲା କୁହନ୍ତି, **"ଲା ତହ୍‌ସବୁହୁ ଶର୍‌ରନ୍ ଲକୁମ୍ ବଲ୍ ହୁଆ ଖୈରୁଲ୍ ଲକୁମ୍।" ଅର୍ଥାତ ତୁମେ ଏହା ବିଚାର କର ନାହିଁ ଯେ, ଏହି ଲାଞ୍ଛନା କୌଣସି କୁପରିଣାମ ତଥା ଅପକାର ସୃଷ୍ଟି କରିବ ।** ବରଂ ଏହି ଦୋଷାରୋପଣ ବା ଲାଞ୍ଛନା ମଧ୍ୟ ତୁମମାନଙ୍କର ହିତ ଓ ଉନ୍ନତିର କାରଣ ହୋଇଯିବ। ସୁତରାଂ ଆପଣ[ର.ଅ] କୁହନ୍ତି, ଅଲ୍ଲାଃତାଲା କୁହନ୍ତି ଯେ, ଅଲ୍ଲାଃତାଲା କୁହନ୍ତି, ନିଅ ! ବର୍ତ୍ତମାନ ଆମ୍ଭେ ଖିଲାଫତ୍ ସଂପର୍କରେ ମଧ୍ୟ ନିୟମ ବର୍ଣ୍ଣନା କରି ଦେଉଛୁ ଏବଂ ତୁମ୍ଭମାନଙ୍କୁ କହି ଦେଉଅଛୁ ଯେ, ଏହି କପଟ ବିଶ୍ୱାସୀମାନେ ସତ୍‌ଚେଷ୍ଟା କରି ନିଅନ୍ତୁ ପଛେ, ସେମାନେ ନିଜର ଉଦ୍ଦେଶ୍ୟରେ ଅକୃତକାର୍ଯ୍ୟ ହିଁ ରହିବେ । କିନ୍ତୁ ଆମ୍ଭେ ଖିଲାଫତ ସ୍ଥାପନ କରି ଛାଡିବୁ । କାରଣ ଖିଲାଫତ୍ ଅବତାରତ୍ୱର ଏକ ଅଭିନ୍ନ ଅଙ୍ଗ ଅଟେ ଏବଂ ଖିଲାଫତ୍ ଐଶୀ ଆଲୋକକୁ ସଂରକ୍ଷିତ କରି ରଖିବାର ଏକ ଉତ୍କୃଷ୍ଟ ମାଧ୍ୟମ ଓ ପନ୍ଥା ଅଟେ ।

**(ଖୁତ୍‌ବାତେ ମେହ୍‌ମୁଦରୁ ଆହୃତ, ଭାଗ-18, ପୃ-451-55)**

ହ. ମୁସ୍‌ଲେହ୍ ମଉଦ୍[ର.ଅ] କୁହନ୍ତି, ବର୍ତ୍ତମାନ ଆପଣମାନେ ନିଜେ ଦେଖନ୍ତୁ ଯେ, ସୁରାଃ ନୁର୍‌ରେ ପ୍ରାରମ୍ଭରୁ ଶେଷ ଯାଏଁ କିପରି ଅତ୍ୟନ୍ତ ସୁନ୍ଦର ଭାବରେ ଏକ ବିଷୟ ବସ୍ତୁକୁ ପ୍ରଖ୍ୟାପକ ଭାବେରେ ବର୍ଣ୍ଣନା କରାଯାଇଛି । ପ୍ରଥମେ ଉକ୍ତ ଲାଞ୍ଛନାର ଚର୍ଚ୍ଚା କରାଯାଇଛି ଯାହା ହ. ଆଏଶା[ର.ଅ]ଙ୍କ ଉପରେ ଲାଗିଥିଲା । ହ. ଆଏଶା[ର.ଅ]ଙ୍କ ଉପରେ ଲାଗିଥିବା ଲାଞ୍ଛନାର ପ୍ରକୃତ ଅଭିପ୍ରାୟ ଏହା ଥିଲା ଯେ, ହ. ଅବୁ ବକର[ର.ଅ]ଙ୍କୁ ତିରସ୍କୃତ କରାଯାଉ ଓ ଆଁହଜରତ[ସ.ଅ]ଙ୍କର ହ. ଅବୁ ବକର[ର.ଅ]ଙ୍କର ଯେଉଁ ସଂପର୍କ ରହିଛି ତାହା ବିଗିଡ଼ି ଯାଉ । ପରିଣାମ ସ୍ୱରୂପ ମୁସଲମାନମାନଙ୍କ ଦୃଷ୍ଟିରେ ତାଙ୍କର ଯେଉଁ ଖ୍ୟାତି ରହିଛି ତାହା ମଧ୍ୟ ହ୍ରାସ ପାଉ ଏବଂ ରସୁଲ କରୀମ୍[ସ.ଅ]ଙ୍କ ବିୟୋଗ ପରେ ସେ ଯେପରି ଆଉ ଖଲିଫା ନ ହୁଅନ୍ତୁ । କାରଣ ଅବ୍‌ଦୁଲ୍ଲାଃ ଉବୈ ବିନ୍ ସୁଲୁଲ୍‌କୁ ଏକଥାର ଆଭାସ ହୋଇଯାଇଥିଲା ଯେ, ଆଁହଜରତ[ସ.ଅ]ଙ୍କ ପରେ ମୁସଲମାନମାନଙ୍କର ଦୃଷ୍ଟିରେ ଯଦି କୌଣସି ବ୍ୟକ୍ତି ଉପରେ ଉଠେ ତେବେ ସେ ହେଉଛନ୍ତି ହ. ଅବୁ ବକର[ର.ଅ] ଏବଂ ହ. ଅବୁ ବକର[ର.ଅ] ଙ୍କ ମାଧ୍ୟମରେ ଖିଲାଫତ୍ ସ୍ଥାପନ ହୋଇଗଲା ତେବେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍‌ର ସମ୍ରାଟ ହେବାର ସ୍ୱପ୍ନ ଧୂଳିସାତ ହୋଇଯିବ । ତାହା କେବେ ବି ପୂରଣ ହେବ ନାହିଁ । ଏଣୁ ଉକ୍ତ ଲାଞ୍ଛନାର ଚର୍ଚ୍ଚା କରିବା ପରେ ତୁରନ୍ତ ଖିଲାଫତ୍‌ର ଚର୍ଚ୍ଚା କରି ପ୍ରଭୁ କହିଲେ, ଖିଲାଫତ୍ ସମ୍ରାଟତ୍ୱ ଓ ଶାସକତ୍ୱ ପରି ନୁହଁ । ତାହା ତ' ଐଶ୍ୱରିକ ପ୍ରକାଶକୁ ସ୍ଥାପନ କରିବାର ଏକମାତ୍ର ମାଧ୍ୟମ ଅଟେ । ଏଣୁ ଖିଲାଫତ୍‌ର ସ୍ଥାପନ ଅଲ୍ଲାଃତାଲା ନିଜ ହସ୍ତରେ ରଖିଛନ୍ତି । ଏହାର ନଷ୍ଟ ହେବା ଅବତାରତ୍ୱର ଆଲୋକ ନଷ୍ଟ ହେବା ଓ ଐଶୀ ପ୍ରକାଶ ନଷ୍ଟ ହେବା ସହିତ ସମତୁଲ୍ୟ ଅଟେ । ଅତଏବ ଅଲ୍ଲାଃତାଲା ସେହି ପ୍ରକାଶକୁ ଅବଶ୍ୟ ସ୍ଥାପନ କରିବେ ଏବଂ ନବୁୱତ୍ (ଅବତାରତ୍ୱ) ପରେ ସମ୍ରାଟତ୍ୱ ଏବଂ ରାଜାଙ୍କ ଶାସନ କଦାପି ସ୍ଥାପନ ହେବାକୁ ଦେବେ ନାହିଁ । ବରଂ ସେ ଯାହାକୁ ଚାହିଁବେ ତାହାକୁ ହିଁ ଖଲିଫା ରୂପେ ମନୋନୀତ କରିବେ । ସୁତରାଂ ଅଲ୍ଲାଃତାଲା ଏହି ପ୍ରତିଶ୍ରୁତି ଦେଇ କହିଲେ ଯେ, ସେ ମୁସଲମାନମାନଙ୍କ ମଧ୍ୟରୁ କେବଳ ଜଣେ ବ୍ୟକ୍ତିକୁ ନୁହେଁ ବରଂ ଅସଂଖ୍ୟ ଲୋକମାନଙ୍କୁ ଖିଲାଫତ୍ ପଦରେ ଆସନ୍ନିତ କରି ଆଲୋକର ଯୁଗକୁ ପ୍ରଲମ୍ବିତ କରିଦେବେ । ଉକ୍ତ ବିଷୟବସ୍ତୁ ହିଁ ଏପରି ଅଟେ ଯେପରିକି ହ. ଖଲିଫତୁଲ୍ ମସିହ୍ ଅୱଲ୍[ର.ଅ] କହୁଥିଲେ ଯେ, ଖିଲାଫତ୍ କେସରୀର ଦୋକାନ ନୁହେଁ କି ସୋଡ଼ା ୱାଟର୍ ନୁହେଁ ଯାହାର ଇଚ୍ଛା ହେଲା ସେ ଏହାକୁ ପାନ କରିନେଲା । ସେହିପରି ଆପଣ ର.ଅ କହିଲେ, ତୁମେମାନେ ଯଦି ଲାଞ୍ଛନା ପ୍ରୟୋଗ କରିବାକୁ ଚାହୁଁଛ ତେବେ ଅବଶ୍ୟ ପ୍ରୟୋଗ କର ହେଲେ ତୁମେ ଖିଲାଫତ୍‌କୁ  କଦାପି ନିଶ୍ଚିହ୍ନ କରିପାରିବ ନାହିଁ ଓ ନା ହିଁ ତୁମେମାନେ ହ. ଅବୁ ବକର ର.ଅଙ୍କୁ ଖିଲାଫତରୁ ବଞ୍ଚିତ କରିପାରିବ । କାରଣ ଖିଲାଫତ୍ ଏକ ଆଲୋକ ବର୍ତ୍ତିକା ଅଟେ । ସେହି ଆଲୋକଟି ପ୍ରଭୁଙ୍କ ସତ୍ତାକୁ ପରିପ୍ରକାଶ କରିବାର ଏକମାତ୍ର ମାଧ୍ୟମ ଅଟେ । ତେଣୁ ଏହି ଆଲୋକକୁ ମନୁଷ୍ୟକୃତ ଯୋଜନା ଦ୍ୱାରା କିପରି ନିଶ୍ଚିହ୍ନ କରାଯାଇ ପାରିବ ? ପୁନଶ୍ଚ ଅଲ୍ଲାଃତାଲା କହିଲେ, "ଏହିପରି ଖିଲାଫତ୍‌ର ଏହି ଅଲୋକ ଆଉ କେତେକ ଘର ଉପରେ ମଧ୍ୟ ଦେଖିବାକୁ ମିଳେ ଏବଂ କୌଣସି ବ୍ୟକ୍ତି ସ୍ୱଉଦ୍ୟମ ବଳରେ କିମ୍ବା  ନିଜର ଆଳ ତଥା ମନ୍ତ୍ରଣା ଦ୍ୱାରା ଉକ୍ତ ଦିବ୍ୟାଲୋକକୁ ଅଲୋକିତ କରିବାରୁ ଅଟକାଇ ପାରିବ ନାହିଁ ।"

**(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-18, ପୃ-457)**

ସେ ଯାହାହେଉ ନା କାହିଁକି ଏହି ଖିଲାଫତ୍ ସଂପର୍କରେ ଏକ ବିଷୟବସ୍ତୁ ରହିଛି । ଉକ୍ତ ବିଷୟ ଉପରେ ଆପଣ[ର.ଅ] ଖୁତ୍‌ବା ଦେଇଥିଲେ । ତହିଁରୁ ଏହା ଜ୍ଞାତ ହୁଏ ଯେ, ଆଁହଜରତ[ସ.ଅ]ଙ୍କ ଦୃଷ୍ଟିରେ ହ. ଅବୁ ବକର[ର.ଅ]ଙ୍କର କ'ଣ ମାନମର୍ଯ୍ୟାଦା ରହିଥିଲା  ଏବଂ ପୁନଶ୍ଚ ଅଲ୍ଲାଃତାଲାଙ୍କର ବ୍ୟବହାରିକମୂଳକ ସାକ୍ଷ୍ୟରୁ ମଧ୍ୟ ଏହା ପ୍ରମାଣିତ ହୋଇଗଲା ଯେ, ଅବତାରତ୍ୱ ପରେ ତୁରନ୍ତ ଖିଲାଫତ୍‌ର ପରମ୍ପରା ଆଁହଜରତ ସ.ଅଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଅବ୍ୟାହତ ରହିବ ଏବଂ ଅବ୍ୟାହତ ମଧ୍ୟ ରହିଲା । ଏହାପରେ ଯଦି ସମ୍ରାଟତ୍ୱ ଯୁଗ ଆସିଲା ତେବେ ତାହା ପରର କଥା ଅଟେ । ପୁନଶ୍ଚ ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ଅନୁଯାୟୀ ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ହିଁ ସେହି

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idrish Khan, Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang (Odisha)

ବ୍ୟବସ୍ଥାଟି ବର୍ତ୍ତମାନ ପୁନଃ ସ୍ଥାପିତ ହୋଇଅଛି ।

ହ. ଅବୁ ବକର[ର.ଅ]ଙ୍କ ବିନୀତତା ଏବଂ ବିନମ୍ରତା ସଂପର୍କରେ ହ. ସଇଦ୍ ବିନ୍ ମୁସୈବ୍ ବର୍ଣ୍ଣନା କରନ୍ତି ଯେ, ଏକଦା ନବୀ କରୀମ୍[ସ.ଅ] ନିଜର କେତେକ ସାହାବାମାନଙ୍କ ସହିତ ଏକ ସଭାରେ ବସିଥିଲେ କି ଜଣେ ବ୍ୟକ୍ତି ଆସି ହ. ଅବୁ ବକର[ର.ଅ]ଙ୍କ ସହିତ କଳି କଲା ଏବଂ ଆପଣ[ର.ଅ]ଙ୍କୁ ତିନିଥର କଷ୍ଟ ପହଞ୍ଚାଇଲା । କିନ୍ତୁ ଆପଣ[ର.ଅ] ନୀରବ ରହିଲେ ଏବଂ ତୃତୀୟ ଥର ପରେ ଆପଣ ର.ଅ ଯେତେବେଳେ ନିଜର ପ୍ରତିଶୋଧ ନେଲେ । ହ. ଅବୁ ବକର[ର.ଅ] ଯେତେବେଳେ ନିଜର ପ୍ରତିଶୋଧ ନେଇ ନେଲେ ସେତେବେଳେ ନବୀ କରୀମ୍ ସ.ଅ ଛିଡ଼ା ହୋଇପଡ଼ିଲେ । ହ. ଅବୁ ବକର[ର.ଅ] କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ମୋ ଉପରେ ବିକ୍ଷୁବ୍ଧ ଓ ରୁଷ୍ଟ ହୋଇଯାଇଛନ୍ତି କି ? ପ୍ରତ୍ୟୁତ୍ତରରେ ଆପଣ[ସ.ଅ] କହିଲେ ଯେ, ହେ ଅବୁ ବକର ! ଆକାଶରୁ ଜଣେ ଦେବଦୂତ ଅବତୀର୍ଣ୍ଣ ହେଲେ ଯିଏ ଏହି କଥାର ଖଣ୍ଡନ କରୁଥିଲେ ଯାହା ସେହି ବ୍ୟକ୍ତି ଜଣକ ତୁମ ସଂପର୍କରେ ବର୍ଣ୍ଣନା କରୁଥିଲା । କିନ୍ତୁ ଯେତେବେଳେ ତୁମେ ପ୍ରତିଶୋଧପରାୟଣ ହୋଇ କିଛି କହିଲ ସେତେବେଳେ ଶୈତାନ ଆସିଗଲା ଏବଂ ମୁଁ ଏହିଭଳି ସଭାରେ ଆଦୌ ବସି ପାରିବି ନାହିଁ ଯେଉଁ ସଭାରେ ଶୈତାନ ପ୍ରବେଶ କରିଥାଏ ।**(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଅଦବ୍, ବାବୁ ଫିଲ୍ ଇନ୍ତିସାର, ହଦିସ୍ ନଂ-4896)**

ପୁନଶ୍ଚ ଆଁହଜରତ ସ.ଅ କହିଲେ ଯେ, ହେ ଅବୁ ବକର ! ତିନୋଟି କଥା ରହିଛି ଯାହାକି ନିରାଟ ସତ୍ୟ ଅଟେ । **ପ୍ରଥମ**- ଯେତେବେଳେ କୌଣସି ବ୍ୟକ୍ତି ଉପରେ ଅତ୍ୟାଚାର କରାଯାଏ ଏବଂ ସେ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ତାହାକୁ ଅଣଦେଖା କରିଦିଏ ସେତେବେଳେ ଅଲ୍ଲାଃତାଲା ତାହାକୁ ନିଜର ସାହାଯ୍ୟ ମାଧ୍ୟମରେ ସମ୍ମାନିତ କରିଦିଅନ୍ତି । **ଦ୍ୱିତୀୟ**- ସେହି ବ୍ୟକ୍ତି ଯିଏ କୌଣସି ଦାନ ଦକ୍ଷିଣାର ମାର୍ଗ ଉନ୍ମୁକ୍ତ କରେ ଯାହା ସାହାଯ୍ୟରେ ତା'ର ପରିବାର ବର୍ଗଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରାଯିବା ପ୍ରତି ସେ ଆଶାବାଦୀ ଥାଏ, ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିର ଧନରେ ଅଜସ୍ର ଅଭିବୃଦ୍ଧି ଘଟାଇ ଦେଇଥାଆନ୍ତି । **ତୃତୀୟ**- ସେହି ବ୍ୟକ୍ତି ଯିଏ ମାଗିବାର ପନ୍ଥା ଆପଣାଇ ନିଏ ଏବଂ ଯାହା ସାହାଯ୍ୟରେ ସେ ନିଜ ଧନରେ ଅଭିବୃଦ୍ଧି କରିନେବ ତେବେ ଅଲ୍ଲାଃତାଲା ତାହାକୁ ତାହାରି ପନ୍ଥା ମାଧ୍ୟମରେ ନ୍ୟୁନତା, ସ୍ୱଳ୍ପତା ଏବଂ ଅନଟନତାରେ ଅଭିବୃଦ୍ଧି କରି ଦେଇଥାଆନ୍ତି। **(ମଜ୍‌ମାଅଜ୍ ଜୱାଇଦ୍, ଭାଗ-8, ପୃ-247, କିତାବୁଲ୍ ବର୍ ୱସ୍ ସଲାତ୍, ହଦିସ୍ ନଂ-13698, ପ୍ରକାଶକ ଦାରୁଲ୍ କୁତୁବଲ୍ ଇଲ୍‌ମିୟାହ୍ ବୈରୁତ୍-2001 ମସିହା)**

ହ. ମସିହ୍ ମଉଦ[ଅ.ସ] ହ. ଅବୁ ବକର[ର.ଅ]ଙ୍କ ସୁଗୁଣାବଳୀର ଚର୍ଚ୍ଚା କରି କୁହନ୍ତି, "ହ. ଅବୁ ବକର[ର.ଅ] ପୂର୍ଣ୍ଣ ବ୍ରହ୍ମଜ୍ଞାନର ଅଧିକାରୀ, ଈଶ୍ୱରଙ୍କୁ ଚିହ୍ନିଥିବା ବ୍ୟକ୍ତି, ଅତ୍ୟନ୍ତ ଦୟାବାନ ସ୍ୱଭାବ, ଅତ୍ୟନ୍ତ କୃପାବତ୍ସଳ ସ୍ୱଭାବର ଅଧିକାରୀ, ବିନୀତ ସ୍ୱଭାବର ବ୍ୟକ୍ତି ଓ ଅଭାବ ତଥା ଦାରିଦ୍ର୍ୟତା ଭଳି ସମୟରେ ସାଧାରଣ ପୋଷାକ ପରିହିତ କରୁଥିବା ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏବଂ ଅତ୍ୟନ୍ତ ସରଳ ଜୀବନ ଯାପନ କରୁଥିଲେ । ସେ ଅପାର ଦୟା ଓ କ୍ଷମାର ପ୍ରତିମୂର୍ତ୍ତି ଥିଲେ । ସେ ନିଜ କପାଳରେ ଥିବା ଐଶୀ ଆଲୋକ ଦ୍ୱାରା ଚିହ୍ନିତ ହେଉଥିଲେ । ଆପଣ [ର.ଅ]ଙ୍କ ଆତ୍ମା ରସୁଲୁଲ୍ଲା[ସ.ଅ]ଙ୍କ ଆତ୍ମା ସହିତ ସଂଶ୍ଳିଷ୍ଟ ରହିଥିଲା। ଯେଉଁ ଆଲୋକ ଆପଣଙ୍କ ପ୍ରିୟ ମୁନିବଙ୍କୁ ଆଚ୍ଛାଦିତ କରିଥିଲା ସେହି ଆଲୋକ ଆପଣ[ର.ଅ]ଙ୍କୁ ମଧ୍ୟ ଆଚ୍ଛାଦିତ କରିଥିଲା । ଆପଣ[ର.ଅ] ଆଁହଜରତ[ସ.ଅ]ଙ୍କ ସୂକ୍ଷ୍ମ ଛାୟୀ ଓ ଆପଣ[ସ.ଅ]ଙ୍କ ମହାନ କୃପା ତଳେ ଲୁଚି ରହିଥିଲେ । ଆପଣ[ର.ଅ] ପବିତ୍ର କୁରଆନ୍‌ର ଅବବୋଧ ଓ ଅବତାରମାନଙ୍କର ଅଧିପତି, ସମଗ୍ର ମାନବ ଜାତିର ଗର୍ବ ଓ ଗୌରବ ମହାମାନ୍ୟ ହ. ମୁହମ୍ମଦ[ସ.ଅ]ଙ୍କ ପ୍ରେମରେ ସମସ୍ତ ବ୍ୟକ୍ତିମାନଙ୍କ ଅପେକ୍ଷା ଅଧିକ ତଥା ସ୍ୱଷ୍ଟ ରୂପେ ବାରି ହୋଇ ପଡୁଥିଲେ । ଯେତେବେଳେ ଆପଣ[ର.ଅ]ଙ୍କ ଉପେରେ ପରକାଳର ଜୀବନ ଓ ଐଶ୍ୱରୀକ ରହସ୍ୟ ଉନ୍ମୋଚିତ ତଥା ଉଦଘାଟିତ ହେଲା ସେତେବେଳେ ଆପଣ[ର.ଅ] ସମସ୍ତ ଧାର୍ମିକ ସଂପର୍କକୁ ଛିନ୍ନ କରିଦେଲେ। ଆପଣ[ର.ଅ] ଶାରୀରିକ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଫିଙ୍ଗି ଦେଲେ ଏବଂ ସ୍ୱୟଂ ନିଜର ପ୍ରିୟ ମୁନିବଙ୍କ ରଙ୍ଗରେ ରଙ୍ଗୀନ ହୋଇଗଲେ ଏବଂ ଏକେଶ୍ୱର ମାର୍ମିକ ସତ୍ତାଙ୍କ ସକାଶେ ପ୍ରତ୍ୟେକ ପ୍ରସଙ୍ଗକୁ ପରିତ୍ୟାଗ କରିଦେଲେ। ଫଳତଃ ଆପଣ ର.ଅଙ୍କ ଆତ୍ମା ସମସ୍ତ ଶାରୀରିକ ଆବର୍ଜନା ଠାରୁ ପବିତ୍ର ହୋଇଗଲା । ଆପଣ[ର.ଅ] ଜଣେ ସଚ୍ଚୋଟ ଉପାସନାକାରୀ ଭାବରେ ଅଲ୍ଲାଃତାଲାଙ୍କ ଆଧ୍ୟାତ୍ମିକ ରଙ୍ଗରେ ବିମଣ୍ଡିତ ହୋଇଥିଲେ । ଯେତେବେଳେ ପ୍ରକୃତ ପ୍ରେମ ଆପଣ ର.ଅଙ୍କ ସମସ୍ତ ଶିର ପ୍ରଶିରାରେ, ହୃଦୟର ଅତଳ ଗହ୍ୱରରେ ଏବଂ ଅସ୍ତିତ୍ୱର ପ୍ରତ୍ୟେକ କଣିକାରେ ପ୍ରବିଷ୍ଟ ହୋଇଗଲା, ଆପଣ[ର.] [ଅ]ଙ୍କ ସମସ୍ତ କର୍ମ ଓ କଥନରେ, ଉଠିବା ବସିବାରେ ସେହି ଆଲୋକ ପ୍ରକାଶିତ ହୋଇଗଲା ସେତେବେଳେ ଆପଣ[ର.ଅ] ସିଦ୍ଦିକ୍ ଅର୍ଥାତ ସତ୍ୟବାଦୀ ନାମରେ ଆଖ୍ୟାୟିତ ହେଲେ। ଆପଣ[ର.ଅ]ଙ୍କୁ ଅତ୍ୟନ୍ତ ତ୍ୱରିତ ଭାବରେ ସତେଜ ତଥା ସମସ୍ତ ଗଭୀର ଜ୍ଞାନ ପ୍ରଦାନକାରୀଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ଜ୍ଞାନ ପ୍ରଦାନକାରୀ ଈଶ୍ୱରଙ୍କ ନିକଟରୁ ପ୍ରଦାନ କରାଗଲା। ସତ୍ୟତା ଆପଣଙ୍କର ପୂର୍ଣ୍ଣ ବିଶ୍ୱାସ ଓ ସ୍ୱଭାବଗତ ବିଶେଷତା ଥିଲା । ଏହି ସତ୍ୟବାଦୀତା ଏବଂ ଆଧ୍ୟାତ୍ମିକ ସ୍ତର ଆପଣ[ର.ଅ]ଙ୍କ ପ୍ରତ୍ୟେକ କର୍ମ ଓ କଥନରେ, କ୍ରିୟା ପ୍ରତିକ୍ରିୟାରେ, ନିଃଶ୍ୱାସ ପ୍ରଶ୍ୱାସରେ ପରିପ୍ରକାଶିତ ହେଉଥିଲା । ଆପଣ[ର.ଅ] ଆକାଶରେ ଭୂପୃଷ୍ଠର ଦେବତାଙ୍କ ପକ୍ଷରୁ ପୁରସ୍କୃତ ପ୍ରାପ୍ତ ଗୋଷ୍ଠୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେଲେ । ଆପଣ[ର.ଅ] ଅବତାରତ୍ୱମୂଳକ ପୋଥିର ଏକ ପୂର୍ଣ୍ଣ ପାଣ୍ଡୁଲିପି ଥିଲେ । ଆପଣ[ର.ଅ] ପାଳନକର୍ତ୍ତାଙ୍କ କୃପାର ଅଧିକାରୀ ଏବଂ ସାହାସୀ ଲୋକମାନଙ୍କର ଧର୍ମାଧ୍ୟକ୍ଷ ଥିଲେ ଏବଂ ନବୀମାନଙ୍କ ପରି ଆଚରଣ ଓ ସ୍ୱଭାବର ଅଧିକାରୀ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଥିଲେ ।

ଆପଣ[ଅ.ସ] ପୁନଶ୍ଚ କୁହନ୍ତି, "ତୁମେ ଆମର ଏହି କଥନକୁ କୌଣସି ଅତିଶୟୋକ୍ତି ବୋଲି ମନେକର ନାହିଁ, ନା ହିଁ ଏହାକୁ କୋମଳ ଢଙ୍ଗରେ, ଆଖି ବୁଜିବାର ଏକ ପ୍ରକାର ବୋଲି ମନେକର ଓ ନା ହିଁ ଏହାକୁ ପ୍ରେମମୂଳକ ନିର୍ଝରରୁ ବାହାରିଥିବା ଏକ ପ୍ରପାତ ବୋଲି ମନେକର । ବରଂ ଏହା ହେଉଛି ସେହି ବାସ୍ତବତା ଯାହା ସମ୍ମାନିତ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,
Jamat Ahmadiya Kerang (Odisha)

ପ୍ରଭୁଙ୍କ ନିକଟରୁ ମୋ ଉପରେ ପ୍ରକାଶିତ ହୋଇଛି ।''

ହ. ମସିହ୍ ମଉଦ୍ଅ.ସ ହ. ଅବୁ ବକରର.ଅଙ୍କ ଯେଉଁ ମାନମର୍ଯ୍ୟାଦା ସଂପର୍କରେ ବର୍ଣ୍ଣନା କରିଛନ୍ତି, ଆପଣର.ଅଙ୍କ ବିଶେଷତା, ଆପଣର.ଅ ଏତେ ଉଚ୍ଚ ପ୍ରଶଂସା କଲେ ଯେ, ହ. ମସିହ୍ ମଉଦ୍ଅ.ସଙ୍କୁ କୁହନ୍ତି, ହ. ଅବୁ ବକରର.ଅଙ୍କ ବିଶେଷ ମାନମର୍ଯ୍ୟାଦା ସ୍ୱୟଂ ଈଶ୍ୱର ମୋ ଉପରେ ସିଧା ସଳଖ ପ୍ରକାଶ କଲେ ।

ଆପଣର.ଅ ଈଶ୍ୱରଙ୍କ ସେହି ନିର୍ଝରମୂଳକ ଧର୍ମ ଉପରେ ବିଶ୍ୱାସ ସ୍ଥାପନ କରିବା, ସାଂସାରିକ ବସ୍ତୁ ପ୍ରତି ଅନାସକ୍ତ ଭାବ ପୋଷଣ କରିବା ଯୋଗୁଁ ସମ୍ଭବ ହେଲା । ହ. ଅବୁ ବକରର.ଅଙ୍କ ଠାରେ ଆଚାର ସଂହିତା, ବ୍ୟବହାରରେ ଆମର ପ୍ରିୟ ରସୁଲ୍ ଓ ଆଧ୍ୟାତ୍ମିକ ପିତା ହ. ମୁହମ୍ମଦସ.ଅ ଙ୍କ ସହିତ ସମତୁଲ୍ୟ ଥିଲେ । ସେହିପରି ସେ ଜଣେ ପ୍ରତିବିମ୍ବ ସ୍ୱରୂପ ଥିଲେ ଏବଂ ଆପଣର.ଅଙ୍କ ଅସ୍ତିତ୍ୱ ଜୀବ ଶ୍ରେଷ୍ଠ ହ. ମୁହମ୍ମଦସ.ଅଙ୍କ ଅସ୍ତିତ୍ୱ ସହିତ ଏକ ପ୍ରାରମ୍ଭିକ ସାଦୃଶ୍ୟତା ରହିଥିଲା । ସେହି କାରଣରୁ ହ. ଅବୁ ବକରର.ଅଙ୍କୁ ହୁଜୁର୍ ସ.ଅଙ୍କ କୃପା ବଳରେ କ୍ଷଣିକ ମୁହୂର୍ତ୍ତରେ ତାହାସବୁ ପ୍ରାପ୍ତ ହୋଇଗଲା ଯାହା ଦୂର ଦୂରାନ୍ତ ଦେଶବାସୀଙ୍କୁ ତଥା ଅନ୍ୟମାନଙ୍କୁ ପ୍ରାପ୍ତ କରିବା ପାଇଁ ବର୍ଷ ବର୍ଷ ଧରି ତପସ୍ୟା ଓ ଅଧ୍ୟବସାୟ କରିବାକୁ ପଡୁଥିଲେ ସୁଦ୍ଧା ତାହା ପ୍ରାପ୍ତ ହୋଇପାରି ନଥିଲା ।

**(ସିର୍‌ରୁଲ୍ ଖିଲାଫା, ନଜାରତ୍ ନଶ୍ରୋ ଇଶାଅତ୍ ରବ୍‌ୱା ପକ୍ଷରୁ ପ୍ରକାଶିତ, ପୃ- 101-103)**

**ଆଁହଜରତ ସ.ଅଙ୍କ ୧୪ ଜଣ ବନ୍ଧୁଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ:-**

ତତ୍‌ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ହ. ଅଲୀ ବିନ୍ ଅବୁ ତାଲିବ୍ ବର୍ଣ୍ଣନା କଲେ ଯେ, ନବୀ କରୀମ ସ.ଅ କହିଲେ, ନିଃସନ୍ଦେହ ରୂପେ ପ୍ରତ୍ୟେକ ବ୍ୟକ୍ତିକୁ ୭ ଜଣ କୁଳୀନ ଶ୍ରେଷ୍ଠ ବନ୍ଧୁ ପ୍ରଦାନ କରାଯାଇଛି ଏବଂ ମୋତେ ୧୪ ଜଣ ସାଥି ପ୍ରଦାନ କରାଯାଇଛି । ଆମେ ଆପଣସ.ଅଙ୍କୁ ପଚାରିଲୁ ଯେ, ସେମାନେ କିଏ ? ଆପଣସ.ଅ କହିଲେ, ମୁଁ ଓ ମୋର ଦୁଇ ପୁତ୍ର, ହ ଜାଫର୍ର.ଅ, ହ.ମଜାର.ଅ ର.ଅ, ସତ୍ୟବାଦୀ ହ. ଅବୁ ବକରର.ଅଙ୍କୁ ଅମୀରୁଲ୍ ହଜ୍ (ହଜ୍ ତୀର୍ଥ ଯାତ୍ରୀଙ୍କ ମୁଖ୍ୟ)କରି ମକ୍କା ପ୍ରେରଣ କରିଥିଲେ । ରସୁଲୁଲ୍ଲାଃସ.ଅ ଯେତେବେଳେ ତବୁକ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ଆପଣସ.ଅ ହଜ୍ କରିବାର ଇଚ୍ଛା ପ୍ରକାଶ କଲେ। ପୁନଶ୍ଚ ଆପଣସ.ଅ ଙ୍କୁ କୁହାଗଲା ଯେ, ଅବିଶ୍ୱାସକାରୀମାନେ ଅନ୍ୟ ଲୋକମାନଙ୍କ ସହିତ ମିଶି ହଜ୍ କରୁଛନ୍ତି । ଅବିଶ୍ୱାସକାରୀମାନେ ଶିର୍କମୂଳକ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ଶବ୍ଦ ଉଚ୍ଚାରଣ କରୁଛନ୍ତି ଏବଂ ଫଙ୍ଗୁଳା ଶରୀର ହୋଇ ଖାନା କାଆବାର ପରିକ୍ରମା କରୁଛନ୍ତି । ଅତଏବ ରସୁଲୁଲ୍ଲଃସ.ଅ ସେହି ବର୍ଷ ହଜ୍ କରିବାର ଇଚ୍ଛାକୁ ପରିତ୍ୟାଗ କରିଦେଲେ ଓ ହ. ଅବୁ ବକରର.ଅଙ୍କୁ ହଜର ଅମୀର୍ ଭାବରେ ନିଯୁକ୍ତ କରି ପ୍ରେରଣ କଲେ । **(ଅର୍ ରୌଜୁଲ୍ ଅନଫି, ଭାଗ-4, ପୃ-318, ହଜ୍ଜା ଅବି ବକରିନ୍ ବିନ୍ ନାସି ସନତୁ ତିସଆ, ଦାରୁଲ୍ କିତାବୁଲ୍ ଇଲମିୟା ବୈରୁତ୍) (ଉମଦତୁଲ୍ କାରି, ଶରାହ୍ ସହିଫଲ୍ ବୁଖାରୀ, ଭାଗ-୨, ପୃ-384, ହଦିସ୍ ନଂ-1622, କିତାବୁଲ୍ ହଜ୍, ବାବୁଲ୍ ଇତାଫିଲ୍ ବୈତି ଉରୟାନା, ପ୍ରକାଶ ସଂସ୍ଥା-ଦାରୁ ଅହୟାଉତ୍ ତୁରାସ2003 ମସିହା)**

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajjad Khan, S/O- Sultan Ahmad & Family,
Jamat Ahmadiya Kerang (Odisha)

ତ୍ୟବାଦୀ ହ. ଅବୁ ବକରର.ଅ ତିନିଶହ ସାହାବାମାନଙ୍କ ସମେତ ମଦିନାରୁ ବାହାରିଲେ ଏବଂ ଆଁହଜରତସ.ଅ ସେମାନଙ୍କ ସହିତ କୋଡ଼ିଏଟି କୁର୍ବାନୀର ଜୀବ ପ୍ରେରଣ କଲେ । ସେହି ଜୀବମାନଙ୍କର ବେକରେ ସ୍ୱୟଂ ଆଁହଜରତ ସ.ଅ ସ୍ୱହସ୍ତରେ କୁର୍ବାନୀର ଚିହ୍ନ ସ୍ୱରୂପ କୁଣ୍ଡଳାକୃତି ଆଭୂଷଣ ପିନ୍ଧାଇଲେ ଏବଂ ଚିହ୍ନ ଲଗାଇଲେ । ହ. ଅବୁ ବକରର.ଅ ସ୍ୱୟଂ ନିଜ ହସ୍ତରୁ ପାଞ୍ଚଟି କୁର୍ବାନୀ ଜୀବ ନେଇ ହଜକୁ ବାହାରିଲେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-3, ପୃ-295, ବାବୁ ସରାୟା ୱ ବୁଉସା ସ.ଅ/ସରାୟା ଉସ୍ୱମା ବିନ୍ ଜୈଦ୍ ବିନ୍ ହାରିସ୍ ଇଲା ଇବନି,ରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍ ଲେବନାନ୍)**

ସେହିପରି ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଅଲୀର.ଅ ସୁରାହ୍ ତୌବାର ପ୍ରାରମ୍ଭିକ ଆୟତ୍‌ଗୁଡ଼ିକର ସେହି ହଜ୍ ଅବସରରେ ଘୋଷଣା କରିଥିଲେ । ଉକ୍ତ ବର୍ଣ୍ଣନାର ଚର୍ଚ୍ଚା ହ. ଅଲୀର.ଅଙ୍କ ଚର୍ଚ୍ଚାରେ ଓ ପୁନଶ୍ଚ ହ. ଅବୁ ବକରର.ଅଙ୍କ ଚର୍ଚ୍ଚାରେ ପ୍ରାରମ୍ଭରେ ଏକଦା ଖୁତ୍‌ବାରେ ମୁଁ ବର୍ଣ୍ଣନା କରିସାରିଛି । ସେ ଯାହଉ ନା କାହିଁକି ଏଠାରେ ତାହାର ସଂକ୍ଷିପତ ଚର୍ଚ୍ଚା କରି ଦେଉଛି । ଯେତେବେଳେ ଆଁହଜରତସ.ଅଙ୍କ ଉପରେ ଅବତୀର୍ଣ ହେଲା ସେତେବେଳେ ଆପଣସ.ଅ ହ. ଅବୁ ବକରର.ଅ ସୁରାହ୍ ବରାଅତ୍ ଅର୍ଥାତ ସୁରାହ ତୌବା ଅବତୀର୍ଣ୍ଣ ହେଲା ସେତେବେଳେ ଆପଣସ.ଅ ହ. ଅବୁ ବକରର.ଅଙ୍କୁ ହଜ୍ ତୀର୍ଥ ଯାତ୍ରୀଙ୍କର ଅମୀର ଭାବରେ ନିଯୁକ୍ତ କରି ପ୍ରେରଣ କରି ସାରିଥିଲେ। ଆପଣସ.ଅଙ୍କ ସେବାରେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣସ.ଅ ଉକ୍ତ ସୁରତ ହ. ଅବୁ ବକରର.ଅ ଙ୍କ ଆଡ଼କୁ ପ୍ରେରଣ କରି ଦିଅନ୍ତୁ। କାରଣ ସେ ସେଠାରେ ପଢିନେବେ । ଆପଣସ.ଅ କହିଲେ ମୋର ପରିବାର ମଧ୍ୟରୁ ଜଣେ ବ୍ୟକ୍ତି ବ୍ୟତୀରେକ କେହିବି ଉକ୍ତ କର୍ତ୍ତବ୍ୟକୁ ସମ୍ପାଦନ କରିପାରିବ ନାହିଁ । ଏତଦ୍‌ପରେ ଆପଣସ.ଅ ହ. ଅଲୀର.ଅଙ୍କୁ ଡାକିଲେ ଏବଂ ତାଙ୍କୁ କହିଲେ ଯେ, ହେ ଅଲୀ ! ସୁରାହ୍ ତୌବାର ପ୍ରାରମ୍ଭରେ ଯାହାକିଛି ବର୍ଣ୍ଣିତ ହୋଇଛି ତାହାକୁ ନେଇଯାଅ ଓ କୁର୍ବାନୀ ଦିନ ଯେତେବେଳେ ଲୋକମାନେ ମିନା ଠାରେ ଏକତ୍ରିତ ହେବେ ସେତେବେଳେ ତୁମେ ସେମାନଙ୍କ ମଧ୍ୟରେ ଏହି ଘୋଷଣା କରିବ ଯେ, ଖାନା କାଆବରେ କୌଣସି ଅବିଶ୍ୱାସକାରୀ ବ୍ୟକ୍ତି ପ୍ରବେଶ କରିପାରିବ ନାହିଁ । ଚଳିତ ବର୍ଷରେ କୌଣସି ଅବିଶ୍ୱାସକାରୀ ବ୍ୟକ୍ତିହଜ୍ କରିବାର ଅନୁମତି ମିଳିବ ନାହିଁ। ସେହିପରି କୌଣସି ବ୍ୟକ୍ତିକୁ ଫୁଙ୍ଗୁଳା ଶରୀର ହୋଇ ବୈତୁଲ୍ଲାଃର ପରିକ୍ରମା କରିବାର ଅନୁମତି ମିଳିବ ନାହିଁ। ଆଁହଜରତସ.ଅ ଯେଉଁ ବ୍ୟକ୍ତି ସହିତ କୌଣସି ସନ୍ଧି କିମ୍ବା ଚୁକ୍ତି କରିଛନ୍ତି ସେହି ଚୁକ୍ତି ଓ ସନ୍ଧିର ଅବଧିକୁ ଅବଶ୍ୟ ପୂରଣ କରାଯିବ ।

ହ. ଅଲୀ ର.ଅ ଆଁହଜରତସ.ଅଙ୍କ ଏହି ଆଦେଶକୁ ନେଇ ହଜକୁ ବାହାରି ପଡ଼ିଲେ । ହ. ଅବୁ ବକରର.ଅ ଯେତେବେଳେ ହ. ଅଲୀର.ଅ ଙ୍କୁ ମାର୍ଗରେ ଦେଖିଲେ ସେତେବେଳେ ଆପଣର.ଅ ହ. ଅଲୀର.ଅ ଙ୍କୁ ପଚାରିଲେ ହେ ଅଲୀ ! କ'ଣ ଆପଣର.ଅଙ୍କୁ ଅମୀର ନିଯୁକ୍ତ କରାଯାଇଛି ଅବା ଆପଣ ମୋ ଅଧିନସ୍ଥ ରହିବେ ? ହ. ଅଲୀର.ଅ କହିଲେ ଯେ, ହେ ଅବୁ ବକର ? ମୁଁ ଆପଣଙ୍କ ଅଧିନସ୍ଥ ହୋଇ ଆସିଛି । ଏହାପରେ ଦୁହେଁ ସାଙ୍ଗରେ ପ୍ରସ୍ଥାନ କଲେ । କିନ୍ତୁ ମୁଁ ଉକ୍ତ ଆୟତ୍‌ଗୁଡ଼ିକୁ ଆବୃତ୍ତି କରିବି। ସେ ଯାହାହେଉ ନା କାହିଁକି ହ. ଅବୁ ବକରର.ଅ ଲୋକମାନଙ୍କ ହଜ୍ ତୀର୍ଥରେ ନିରୀକ୍ଷଣ କଲେ ଏବଂ ସେହି ବର୍ଷ ଆରବବାସୀ ନିଜ ସ୍ଥାନମାନଙ୍କରେ ଶିବିର ସ୍ଥାପନ କରିଥିଲେ ଯେଉଁଠି ସେମାନେ ନିରକ୍ଷର ଯୁଗରେ ଶିବିର ସ୍ଥାପନ କରୁଥିଲେ । ଯେତେବେଳେ କୁର୍ବାନୀର ଦିନ ଆସିଲା ସେତେବେଳେ ହ. ଅଲୀର.ଅ ଛିଡ଼ା ହେଲେ ଏବଂ ଆଁହଜରତସ.ଅ ଙ୍କ ଆଦେଶ ମୁତାବକ ଲୋକମାନଙ୍କ ମଧ୍ୟରେ ଉକ୍ତ କଥାର

ଘୋଷଣା କଲେ ଯାହାର ଆଁହଜରତସ.ଅ ହ. ଅଲୀର.ଅଙ୍କୁ ଆଦେଶ ଦେଇଥିଲେ। ଯେପରିକି ମୁଁ ପୂର୍ବ ଖୁତ୍‌ବାମାନଙ୍କରେ ଘୋଷଣା କରି ସାରିଛି । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବନି ହିଶ୍ଶାମ, ହଜ୍ଜା ଅବି ବକ୍‌ରିନ୍ ବିନ୍ ନାସି ସନତୁ ତିସଆ ୱ ଇଖ୍‌ତିସାସିନ୍ ନବୀ ସ.ଅ ଅଲୀ ବିନ୍ ଅବି ତାଲିବ୍ ......ପୃ-432, ଦାରୁଲ୍ କୁତୁବଲ ଇଲ୍‌ମିୟାହ୍, ବୈରୁତ, ଲେବ୍‌ନାନ୍-2001 ମସିହା)**

ହୁଜୁର ଅନ୍‌ୱର୍ଅ.ବ କହିଲେ, ହ. ଅବୁ ବକରର.ଅଙ୍କ ଚର୍ଚ୍ଚା ଇନ୍‌ଶାଅଲ୍ଲାଃ ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ । ଖୁତ୍‌ବାର ଶେଷରେ ହୁଜୁର ଅନୱର୍ଅ.ବ କେତେକ ମୃତକମାନଙ୍କର ଉତ୍ତମ ଚର୍ଚ୍ଚା କରିବାକୁ ଚାହୁଁଛି । ପ୍ରଥମ ମୃତକ ହେଲେ ଚୌଧୁରୀ ମୁହମ୍ମଦ ୟୁସୁଫ ସାହେବଙ୍କ ସୁପୁତ୍ର ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ ଦାଉଦ୍ ଜଫର୍ ସାହେବ । ସ୍ୱର୍ଗତ ଦାଉଦ୍ ସାହେବ ମୁବଲ୍ଲିଗ୍ ସିଲସିଲା ଥିଲେ । ସ୍ୱର୍ଗତ ଦାଉଦ୍ ଜଫର ସାହେବ ଏଠାରେ ରକିମ୍ ପ୍ରେସରେ କାର୍ଯ୍ୟରତ ଥିଲେ । ନଭେମ୍ବର ମାସ ୧୬ ତାରିଖ ଦିନ ୪୮ବର୍ଷ ବୟସରେ ତାଙ୍କର ଅକାଳ ବିୟୋଗ ହୋଇଥିଲା। **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍** । ତାଙ୍କର ଯନାଜାଃ ଉପସ୍ଥିତ ରହିଥିଲା। **ଇନଶାଅଲ୍ଲାଃ** ନମାଜ ପରେ ମୁଁ ତାଙ୍କର ଯନାଜାଃ ପଢେଇବି ।

୧୯୯୮ ମସିହାରେ ସେ ଯାମିଆ ଅହେମଦିୟା ରବ୍‌ୱାରୁ ଶାହିଦ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ ମୁବଲ୍ଲିଗ୍ ସିଲ୍‌ସିଲା ଭାବରେ ବିଭିନ୍ନ ସ୍ଥାନରେ କାର୍ଯ୍ୟ ସମ୍ପାଦନ କରୁଥିଲେ । ପୁନଶ୍ଚ ୨୦୦୧ ମସିହାରେ ଇଂଲଣ୍ଡକୁ ଚାଲି ଆସିଲେ । ଏଠାରେ ଇସ୍‌ଲାମାବାଦ୍ ସ୍ଥିତ ରକିମ୍ ପ୍ରେସ୍‌ରେ ତାଙ୍କୁ ନିଯୁକ୍ତି ମିଳିଥିଲା । ଅତ୍ୟନ୍ତ ଆଗ୍ରହର ସହିତ ସେ କାର୍ଯ୍ୟ ସମ୍ପାଦନ କରୁଥିଲେ । ଖିଲାଫତ୍ ସହିତ ତାଙ୍କର ଗଭୀର ସଂପର୍କ ଥିଲା । ଇସ୍‌ଲାମାବାଦ୍ ଠାରେ ରହଣୀ ସମୟରେ କିଛି କାଳ ପାଇଁ ସେ ଇସ୍‌ଲାମାବାଦ୍‌ର ସଦର୍ ଜମାଅତ୍ ରୂପେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ଖିଲାଫତ୍ ପ୍ରତି ତାଙ୍କର ଗଭୀର ଆତ୍ମୀୟତାମୂଳକ ସଂପର୍କ ରହିଥିଲା । ସ୍ୱର୍ଗତଙ୍କୁ ଉମ୍ରାହ୍ କରିବାର ମଧ୍ୟ ସୌଭାଗ୍ୟ ଅର୍ଜନ ହୋଇଥିଲା । ସ୍ୱର୍ଗତ ଓସିୟତ୍ ମଧ୍ୟ କରିଥିଲେ । ଶୋକ ସନ୍ତପ୍ତ ପରିବାରରେ ଅଭିଭାବକଙ୍କ ଓ ପତ୍ନୀଙ୍କ ବ୍ୟତୀତ ତିନୋଟି ପୁତ୍ର ସନ୍ତାନ ଓ ଗୋଟିଏ କନ୍ୟା ସନ୍ତାନ ରହିଛନ୍ତି ।

ସ୍ୱର୍ଗତ ଦାଉଦ୍ ଜଫର୍ ସାହେବଙ୍କ ପିତାଶ୍ରୀ ଚୌଧୁରୀ ୟୁସୁଫ୍ ସାହେବ ବର୍ଣ୍ଣନା କରନ୍ତି ଯେ, ମୁଁ ଯେତେବେଳେ ଦାଉଦକୁ ମୁବଲ୍ଲିଗ୍ ହେବା ନିମନ୍ତେ ଆହ୍ୱାନ ଦେଲି ସେତେବେଳେ ସେ ମୋର ଏହି ଆହ୍ୱାନକୁ ଆନନ୍ଦର ସହକାରେ ସ୍ୱୀକାର କରିନେଲା । କେତେକ ବ୍ୟକ୍ତି ତାଙ୍କୁ କହିଲେ ଯେ, ଆପଣ ମୁବଲ୍ଲିଗ୍ ହେବା ପରିବର୍ତ୍ତେ ଯଦି ସାଂସାରିକ ଶିକ୍ଷା ପ୍ରାପ୍ତ କରିବାରେ ଏତେ ଚେଷ୍ଟା କରନ୍ତି ତେବେ ଭଲ ଚାକିରୀ ଖଣ୍ଡେ ପ୍ରାପ୍ତ କରିପାରିବେ ଏବଂ ନିଜ ଘରର ଆର୍ଥିକ ସ୍ଥିତିକୁ ସୁଧାରି ପାରିବେ । କିନ୍ତୁ ସ୍ୱର୍ଗତ ଦାଉଦ୍ ସାହେବ ଏପରି ପରାମର୍ଶକୁ ସିଧା ସଳଖ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଯାମିୟାରୁ ସ୍ନାତକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ମୁବଲ୍ଲିଗ୍ ହେବା ଠାରୁ ନେଇ ମୃତ୍ୟୁ ପର୍ଯ୍ୟନ୍ତ ସଂପୂର୍ଣ୍ଣ ବିଶ୍ୱସ୍ତତାର ସହିତ ନିଜର ୱକ୍‌ଫ୍‌ର କର୍ତ୍ତବ୍ୟକୁ ନିର୍ବାହ କରିଥିଲେ । ସ୍ୱର୍ଗତ ଅତ୍ୟନ୍ତ ଆଜ୍ଞାକାରୀ ପୁତ୍ର ଥିଲେ । ସ୍ୱର୍ଗତ ଜଫର ସାହେବଙ୍କ ପିତାଶ୍ରୀ କୁହନ୍ତି, ମୋର ପ୍ରତ୍ୟେକ କଥାକୁ ସେ ସ୍ୱୀକାର କରୁଥିଲେ । କେବେ ବି ସେ ମୋ କଥାକୁ ଅସ୍ୱୀକାର କରୁ ନଥିଲେ। ମୋତେ ସର୍ବଦା ସୁଖ ପହଞ୍ଚାଇବା ପାଇଁ ଉଦ୍ୟମ କରୁଥିଲେ । ଆର୍ଥିକ ସ୍ଥିତି ଭଲ ନହେବା ସତ୍ତ୍ୱେ କଦେବି ନିଜର ୱକ୍‌ଫ୍ (ଉତ୍ସର୍ଗୀକୃତ ଜୀବନ)କୁ ପରିତ୍ୟାଗ କରିବାର ଚିନ୍ତା ମଧ୍ୟ କଲେ ନାହିଁ । ଯାମିୟା ଅହେମଦିୟା ରବ୍‌ୱାରେ ଶିକ୍ଷା ଆହରଣ ସମୟରେ ଆର୍ଥିକ ସଂକଟ ଯୋଗୁଁ ସାଇକେଲ୍ ଯଦି ପଂକ୍‌ଚର (ଲିକ୍) ହୋଇଯାଉଥିଲା ତେବେ ସେ ପରିପ୍ରେକ୍ଷୀରେ ତାଙ୍କ ନିକଟରେ ପଂକ୍‌ଚର ସଜାଡ଼ିବା ପାଇଁ ପାଖରେ ପଇସା ମଧ୍ୟ ରହୁ ନଥିଲା ତେବେ ସେ ପରିପ୍ରେକ୍ଷୀରେ ସାଇକେଲ ଚକରେ ପବନ ପୂରେଇ ଯାମିୟା ପହଞ୍ଚି ଯାଉଥିଲେ ଏବଂ ଫେରିବା ସମୟରେ ମଧ୍ୟ ଏହିପରି କରୁଥିଲେ । ସେ କେବେବି କୌଣସି ମାନ ଅଭିମାନ କି ରାଗରୁଷା କରି ନାହାନ୍ତି । ଉପସ୍ଥିତ ଖଲିଫାଙ୍କର ଆଜ୍ଞାକାରୀ ତଥା ତାହାଙ୍କ ଉଦ୍ଦେଶ୍ୟକୁ ହୃଦୟଙ୍ଗମକାରୀ ମୁବଲ୍ଲିଗ୍ ଥିଲେ ।

ଜଫର ସାହେବଙ୍କର ପତ୍ନୀ ମୁବାରକା ସାହେବା କୁହନ୍ତି ଯେ, ମୋର ଓ ମୋ ସ୍ୱାମୀଙ୍କ ସଂପର୍କ ଦୀର୍ଘ ୨୨ ବର୍ଷ ପର୍ଯ୍ୟନ୍ତ ରହିଥିଲା। ସ୍ୱର୍ଗତଙ୍କୁ ଅତ୍ୟନ୍ତ କୋମଳ ହୃଦୟ, ପରିଶ୍ରମୀ, ଈଶ୍ୱରବିଶ୍ୱାସୀ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଃସ୍ୱାର୍ଥପର ହୋଇ ସେବା କରୁଥିବା ବ୍ୟକ୍ତି ରୂପେ ପାଇଲି। ଜୀବନରେ ଏପରି ଅନେକ ସମୟ ଆସିଛି, ମୁଁ ଯେତେବେଳେ ତାଙ୍କୁ ଏମିତି କିଛି ଅସମ୍ଭବ ଜିନିଷ ସଂପର୍କରେ କହିଲି ଯେ, ଏହା କିପରି ହେବ? ତେବେ ସେପରିପ୍ରେକ୍ଷୀରେ ସେ କହୁଥିଲେ ଯେ, ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଓ ଭରସା ରଖ ପ୍ରଭୁ ସବୁ ଠିକ୍ କରିଦେବେ । ପୁନଶ୍ଚ ଅଲ୍ଲାଃତାଲାଙ୍କ କୃପାରୁ ଏହିପରି ହିଁ ହେଉଥିଲା । ସ୍ୱର୍ଗତ ସ୍ୱାମୀ ନିଜର ସନ୍ତାନମାନଙ୍କୁ ସର୍ବଦା ଉପଦେଶ ଦେଉଥିଲେ ଯେ, ତୁମେମାନେ ଭଲ ମଣିଷଟିଏ ହେବ । କେବେ ବି କାହା ପାଇଁ କଷ୍ଟ କିମ୍ବା ସମସ୍ୟାର କାରଣ ହେବ ନାହିଁ। ସନ୍ତାନମାନଙ୍କୁ ବସାଇ ଅନେକ ସମୟ ଏହି ଚର୍ଚ୍ଚା କରୁଥିଲେ ଯେ, ମୁଁ ଆଜି ଯାହା ହୋଇଛି ତାହା କେବଳ ଖିଲାଫତ୍ ସହିତ ସଂପର୍କ ସ୍ଥାପନ କରିବା ଯୋଗୁଁ ହିଁ ହୋଇପାରିଛି ଏବଂ ଜମାଅତ୍ ଯୋଗୁଁ ହିଁ ହୋଇ ପାରିଛି । ଅଲ୍ଲାଃତାଲା ମୋତେ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ମୁଁ ନିଜର ୱକ୍‌ଫ୍‌ର ଦାୟିତ୍ୱକୁ ସଠିକ୍ ରୂପେ ଯେପରି ନିର୍ବାହ କରିପାରିବି । ସ୍ୱର୍ଗତଙ୍କର ସର୍ବଦା ଏହି ଅଭିଳାଷା ରହୁଥିଲା । ତାଙ୍କର ଜ୍ୟେଷ୍ଠ କନ୍ୟା ଦର୍ମାନା ସାହେବା କୁହନ୍ତି, ପିତାଶ୍ରୀ ଆମମାନଙ୍କ ଠାରୁ କେବଳ ଗୋଟିଏ କଥା ଚାହୁଁଥିଲେ ଯେ, ଆମେମାନେ ଭଲ ମଣିଷ ଓ ଭଲ ଅହେମଦି ମୁସଲମାନ ହେବା ଉଚିତ ଏବଂ ନିଜ ଆଖପାଖରେ ଥିବା ଲୋକମାନଙ୍କର ଯତ୍ନନେବା ଉଚିତ । ଆମ ଯୋଗୁଁ କେବେ ବି କାହାର କୌଣସି କ୍ଷତି ତଥା ଅନିଷ୍ଟ ଓ ସମସ୍ୟା ଛିଡ଼ା ନ ହେଉ ।

ଜଫର ସାହେବଙ୍କର ଜ୍ୟେଷ୍ଠ ପୁତ୍ର ରୁହାନ୍ କୁହନ୍ତି, ମୋର ପିତାଶ୍ରୀଙ୍କୁ ଆମର ଆଧ୍ୟାତ୍ମିକ ସଂସ୍କାରର ସର୍ବଦା ଚିନ୍ତା ରହୁଥିଲା। ଆମେମାନେ ଯେତେବେଳେ ବି ପିତାଶ୍ରୀଙ୍କୁ କୌଣସି ପ୍ରଶ୍ନ ପଚାରୁଥିଲୁ ସେତେବେଳେ ସେ ଜଣେ ମୁବଲ୍ଲିଗ୍ ହେବା ଯୋଗୁଁ ପବିତ୍ର କୁରଆନୀୟ ଶିକ୍ଷା ଆଲୋକରେ ଏବଂ ଧାର୍ମିକ ପକ୍ଷକୁ ଦୃଷ୍ଟିରେ ରଖି ଉତ୍ତର ଦେବା ପାଇଁ ଚେଷ୍ଟା କରୁଥିଲେ । ତାଙ୍କର କନିଷ୍ଠ ପୁତ୍ର ଯାହାର ବୟସ ୧୫ ହେବ ପୁତ୍ରର ନାମ ଫୱାଦ୍ ଦାଉଦ୍ ହେବ । ସେ କୁହନ୍ତି, ପିତାଶ୍ରୀଙ୍କୁ କ୍ୟାନ୍‌ସର ହୋଇଯାଇଥିଲା ଏବଂ ରୋଗର ଅନ୍ତିମାବସ୍ଥାରେ ଏହାର କୋପ ଆହୁରି ଅଧିକ ବୃଦ୍ଧି ପାଇଥିଲା । ତେବେ ପିତାଶ୍ରୀ ଶେଷ ଦିନେ ମୋତେ କହିଲେ ଯେ, ପୁତ୍ର ! ମୁଁ ତୁମକୁ ଏକ ସୁନ୍ଦର ଜୀବନ ଯାପନ କରୁଥିବାର ଦେଖିବାକୁ ଚାହୁଁଥିଲି । ହେଲେ ମୋର ଅଲ୍ଲାଃଙ୍କର ଇଚ୍ଛା କିନ୍ତୁ ଭିନ୍ନ ଅଟେ ଓ ମୁଁ ତାହାଙ୍କ ପ୍ରସନ୍ନତା ଉପରେ ସନ୍ତୁଷ୍ଟ । ସେ ଯାହା ହେଉ ନା କାହିଁକି ସ୍ୱର୍ଗତ ଜଫର ସାହେବ ନିଜର ସନ୍ତାନମାନଙ୍କୁ ସର୍ବଦା ପୁଣ୍ୟ କର୍ମ କରିବା ନିମନ୍ତେ, ଜମାଅତ୍ ସହିତ ସଂଶ୍ଳିଷ୍ଟ ରହିବା ନିମନ୍ତେ ଉପଦେଶ ଦେଉଥିଲେ । ହୁଜୁର ଅନୱର୍ଅ.ବ କହିଲେ, ଅଲ୍ଲାଃତାଲା ସେହି ଉପଦେଶାବଳୀ ଉପରେ ସ୍ୱର୍ଗତ ଜଫର ସାହେବଙ୍କ ସନ୍ତାନମାନଙ୍କୁ କାର୍ଯ୍ୟକାରୀ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ। **ଆମିନ୍** । ସେହପରି ସ୍ୱର୍ଗତଙ୍କ ପ୍ରାର୍ଥନାକୁ

ସେମାନଙ୍କ ସନ୍ତାନମାନଙ୍କ ପକ୍ଷେ ସ୍ୱୀକାର କରନ୍ତୁ । **ଆମିନ୍ ।**

ସ୍ୱର୍ଗତ ଜଫର ସାହେବଙ୍କୁ ଚିହ୍ନିଥିବା ବ୍ୟକ୍ତିମାନେ, ମୁବଲ୍ଲିଗିନ୍‌ମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଲେଖିଛନ୍ତି ଯେ, ସ୍ୱର୍ଗତ ଜଫର ସାହେବ ଅତ୍ୟନ୍ତ ସ୍ମିତହାସ୍ୟ ବ୍ୟକ୍ତି, ସଭାର ଆୟୋଜନକାରୀ ବ୍ୟକ୍ତି, ହୃଦୟକୁ ଜିଣିବା, ପ୍ରତ୍ୟେକଙ୍କର ପ୍ରିୟ ଭଳି ବ୍ୟକ୍ତିତ୍ୱର ଅଧିକାରୀ ହୋଇ ପାରିଥିଲେ । ସ୍ୱର୍ଗତ ନିଜର ବୃତ୍ତିରେ କମ୍ପ୍ୟୁଟର ଓ ଆର୍ଟ ୱର୍କ ଆଦିରେ ଅଭିଜ୍ଞତା ରଖୁଥିଲେ । ସ୍ୱର୍ଗତ ଯଦିଓ ଜଣେ ମୁବଲ୍ଲିଗ୍ ଥିଲେ କିନ୍ତୁ ଟେକନିକାଲ୍ (ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା) କାର୍ଯ୍ୟରେ , ସମ୍ପାଦନା ଆଦି କାର୍ଯ୍ୟରେ ମଧ୍ୟ ସେ ଅଭିଜ୍ଞ ଥିଲେ । ରକିମ୍ ପ୍ରେସ୍‌ରେ ସେ ବହୁତ ବଡ଼ ବଡ଼ କାର୍ଯ୍ୟ କରିଥିଲେ । ନିଜର କଳା କୌଶଳ, ନୈପୁଣ୍ୟତାକୁ ବ୍ୟବହାର କରିବାର ଭଲ ଅବସର ପ୍ରାପ୍ତ ମିଳିଥିଲା । ଜମାଅତୀୟ ସେବାକୁ ସର୍ବଦା ଈଶ୍ୱରଙ୍କ କୃପା ଓ ନିଜ ପାଇଁ ସୌଭାଗ୍ୟ ବୋଲି ମନେ କରୁଥିଲେ ।

ପୁନଶ୍ଚ ତାଙ୍କର ଜଣେ ସଂପର୍କୀୟ ଏହା ମଧ୍ୟ ଉଲ୍ଲେଖ କଲେ ଯେ, ସ୍ୱର୍ଗତ ଅନ୍ୟ ଅଭାବି ବ୍ୟକ୍ତିଙ୍କୁ ଅତ୍ୟନ୍ତ ନୀରବତାର ସହିତ ଆସୁଥିଲେ ଏବଂ ଅଭାବି ବ୍ୟକ୍ତିମାନଙ୍କୁ ଓ ସଂପର୍କୀୟଙ୍କୁ ଆର୍ଥିକ ସାହାଯ୍ୟ ମଧ୍ୟ କରି ଦେଉଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ। ସ୍ୱର୍ଗତଙ୍କର ସନ୍ତାନ ସନ୍ତତିଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ। ମୃତକଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ସ୍ୱର୍ଗତଙ୍କର ଅଭିଭାବକମାନଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

ହୁଜୁର ଅନୱର୍[ଅ.ବ] କହିଲେ, ଦୁଇଟି ଯନାଜାଃ ଗାଏବ ମଧ୍ୟ ରହିଛି ତନ୍ମଧ୍ୟରୁ ପ୍ରଥମ ଯନାଜାଃ ହେଲା , ସମ୍ମାନନୀୟା ସ୍ୱର୍ଗତା ରୁକିୟା ଶମିମ୍ ବୁଶ୍ରା ସାହେବାଙ୍କର ଯେକି ସ୍ୱେନ୍‌ର ପୂର୍ବତନ ମୁବଲ୍ଲିଗ୍ ସିଲ୍‌ସିଲା ସମ୍ମାନନୀୟ କରମ ଇଲାହୀ ଜଫର୍ ସାହେବଙ୍କର ପତ୍ନୀ ଥିଲେ । ବିଗତ ଦିନ ତାଙ୍କର ପରଲୋକ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍ ।**

ସ୍ୱର୍ଗତା ୧୯୩୨ ମସିହାରେ କାଦିଆନ୍ ଠାରେ ଜନ୍ମ ଗ୍ରହଣ କରିଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ଓସିୟତ୍ କରିଥିଲେ। ସ୍ୱର୍ଗତା ଅନେକ ବର୍ଷ ଧରି ସ୍ୱେନ୍‌ର ସଦର ଲଜ୍‌ନା ଭାବରେ ସେବା କରିବାର ସାମର୍ଥ୍ୟ ଲାଭ ହୋଇଥିଲା । ସ୍ୱର୍ଗତାଙ୍କ ତିନି ଜଣ ପୁତ୍ର ସନ୍ତାନ ଓ ତିନି ଜଣ କନ୍ୟା ସନ୍ତାନ ରହିଛନ୍ତି । ତାଙ୍କର ଜଣେ ପୌତ୍ର ଅତାଉଲ୍ ମୁନିମ୍ ତାରିକ୍ ୱକ୍‌ଫେ ନଅ ଓ ୱାକ୍‌ଫିନେ ଜିନ୍ଦେଗୀ ଅଟନ୍ତି । ସେ ସ୍ୱେନ୍‌ର ସେଣ୍ଟ୍ରାଲ ଡେସ୍କର ଇନଚାର୍ଜ ଅଟନ୍ତି । ତାଙ୍କର ଜଣେ ପୌତ୍ରୀ ମଧ୍ୟ ମୁବଲ୍ଲିଗ୍ ସିଲ୍‌ସିଲାଙ୍କୁ ବାବାହ ହୋଇଛନ୍ତି। ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତାଙ୍କର ଦୁଇ ପୁତ୍ର ଧର୍ମ ସେବକ ଅଟନ୍ତି। ସ୍ୱର୍ଗତାଙ୍କ ବଡ଼ ପୁତ୍ର ମଧ୍ୟ ନାଏବ୍ ଅମୀର ଅଟନ୍ତି । ରୁକିୟା ସାହେବାଙ୍କ ଦଦା ମୌଲବୀ ଫଖ୍ରୁଦ୍ଦୀନ ଓ ଦାଦି ସାହେବ ବିବି ସାହେବା ମୁଖ୍ୟତଃ ଭୈରାହ୍ ଜିଲ୍ଲାର ନିବାସୀ ଥିଲେ । ହ. ମସିହ୍ ମଉଦ୍[ଅ.ସ]ଙ୍କ ଯୁଗରେ ଏମାନେ ବୈଅତ୍ କରି ପରବର୍ତ୍ତୀ ସମୟରେ କାଦିଆନ୍ ଚାଲି ଆସିଥିଲେ । ତାଙ୍କର ନନା ଭାଇ ଅବ୍‌ଦୁର୍ ରହିମ୍ ସାହେବ[ର.ଅ] ଥିଲେ । ସେ ଆଜ୍‌ମେର୍ (ରାଜସ୍ଥାନ)ର ନିବାସୀ ଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଶିଖ୍ ଧର୍ମାବଲମ୍ବୀ ଥିଲେ। ପୁନଶ୍ଚ ପରେ ସେ ହ. ମସିହ୍ ମଉଦ୍[ଅ.ସ]ଙ୍କ ହସ୍ତରେ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ ପାଇଥିଲେ ଓ ବୈଅତ୍ କରିବା ପରେ ପାଠ ପଢିବା ନିମନ୍ତେ କାଦିଆନ୍ ଚାଲି ଆସିଲେ । ଅତଃ ତାଙ୍କର ନନା ନାନି ଓ ଦଦା ଦାଦି ଉଭୟ ହ. ମସିହ୍ ମଉଦ୍ ଅ.ସଙ୍କର ସାହବି ଥିଲେ ।

ରୁକିୟା ବେଗମ୍ ସାହେବଙ୍କ ସଂପର୍କରେ ତାଙ୍କର ସୁପୁତ୍ର ଉଲ୍ଲେଖ କରନ୍ତି ଯେ,"**ଦାଓତୁଲ୍ ଅମୀର**"ପୁସ୍ତକ ସହିତ ତାଙ୍କର ବିଶେଷ ସଂପର୍କ ରହିଥିଲା । ଅନେକ ସମୟରେ ସେ ଉକ୍ତ ପୁସ୍ତକକୁ ପଢିଲେ ଓ କହୁଥିଲେ ଯେ, ଉକ୍ତ ପୁସ୍ତକକୁ ପଢିବା ପରେ ମୋର ମସ୍ତିଷ୍କରେ ଥିବା ସମସ୍ତ ସନ୍ଦେହର ଉତ୍ତମ ମୋତେ ମିଳି ଯାଇଛି । ବାର ବର୍ଷ ବୟସରେ ନମାଜ ପ୍ରତି ଥିବା ପ୍ରେମ ଓ ଅଭିରୁଚି ତାଙ୍କର ମନରେ ଭର୍ତ୍ତି ହୋଇ ରହିଥିଲା । ଅଲ୍ଲାଃତାଲାଙ୍କୁ ଏହି ପ୍ରାର୍ଥନା କରୁଥିଲା ଯେ, ହେ ପ୍ରଭୁ ! ମୋତେ ବିଶ୍ୱାସ ଓ ସଳଖ ମାର୍ଗରେ ସର୍ବଦା ପେରିଚାଳିତ କରାଅ । ସ୍ୱର୍ଗତା ପରଦା କରିବା ପ୍ରତି ବିଶେଷ ଯତ୍ନବାନ ଥିଲେ । ଏ ଦିଗରେ ସେ ଅନ୍ୟ ମହିଳାମାନଙ୍କ ପାଇଁ ଜଣେ ଆଦର୍ଶ ନାରୀ ସାଜିଥିଲେ । ରୋଗୀ ସେବା ଓ ଅଭାବି ଦରିଦ୍ରମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ନିମନ୍ତେ ସର୍ବଦା ତତ୍ପର ରହୁଥିଲେ । ଯଥାସମ୍ଭବ ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ପ୍ରସ୍ତୁତ ରହୁଥିଲେ ।

ପ୍ରାରମ୍ଭିକ କାଳରେ ଯେତେବେଳେ ମୌଲାନା ସାହେବଙ୍କ ସହିତ ସ୍ୱେନ୍ ଆସିଲେ ସେତେବେଳେ ତାଙ୍କୁ ଅତ୍ୟନ୍ତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ତବ୍‌ଲିଗ୍ କରିବା ଫଳରେ ମୌଲନା ସାହେବଙ୍କୁ ଅନେକ ସମୟ ପୋଲିସ ହାଜତ୍‌ରେ ବନ୍ଦ କରି ଦେଉଥିଲା ଅବା ମୌଲାନାଙ୍କ ଘରେ ଚଢଉ କରୁଥିଲା। ପୋଲିସ ମୌଲାନାଙ୍କ ଘରେ ତବ୍‌ଲିଗ୍ କାର୍ଯ୍ୟର ପ୍ରମାଣ ଓ ସୁରାକ୍ ପ୍ରାପ୍ତ କରିବା ପାଇଁ ତଦନ୍ତ କରୁଥିଲା । କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ନିଜର ସ୍ୱାମୀଙ୍କ ପରି ଏହି ବିଶ୍ୱସାରେ ଅଟଳ ଥିଲେ ଯେ, ଅଲ୍ଲାଃତାଲା ସେମାନଙ୍କୁ ଅବଶ୍ୟ ସାହାଯ୍ୟ କରିବେ ଓ ସମସ୍ତ ଦୁଃଖ ଦୁର୍ଦ୍ଦଶାକୁ ଦୂର କରିଦେବେ । ଯେତେବେଳେ ହ. ଖଲିଫତୁଲ୍ ମସିହ୍ ସାଲିସ୍[ର.ଅ] ମୌଲାନା ସାହେବଙ୍କୁ କର୍‌ଡବା ଠାରେ ମସ୍‌ଜିଦ୍ ନିର୍ମାଣ କରିବା ନିମନ୍ତେ ଉପଯୁକ୍ତ ସ୍ଥାନ ଖୋଜିବା ନିମନ୍ତେ ନିର୍ଦ୍ଦେଶ ଦେଲେ ସେତେବେଳେ ଏ ସଂକ୍ରାନ୍ତରେ ସେ ମଧ୍ୟ ପ୍ରତ୍ୟେକ ଦିଗରେ ମୌଲାନା ସାହେବଙ୍କୁ ସାହାଯ୍ୟ କରିଥିଲେ । ସ୍ୱର୍ଗତାଙ୍କ ସୁପୁତ୍ର ଉଲ୍ଲେଖ କରନ୍ତି ଯେ, ଯେତେବେଳେ ମସ୍‌ଜିଦ୍ ବିଶାରତ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ସେତେବେଳେ ପ୍ରାୟ ପ୍ରତ୍ୟେକ ଦିନ ନିଜର ସ୍ୱାମୀଙ୍କ ସହିତ ବସ୍ ଆଦିରେ କର୍‌ଡବାରୁ ପେଦ୍ରୋଆବାଦ୍ ପର୍ଯ୍ୟନ୍ତ ନିର୍ମାଣଭିତ୍ତିକ କାର୍ଯ୍ୟ ସକାଶେ ଯିବା ଆସିବା କରୁଥିଲେ, କାର୍ଯ୍ୟର ତଦାରଖ ମଧ୍ୟ କରୁଥିଲେ । ସ୍ୱର୍ଗତାଙ୍କ ନିକଟରେ ନିର୍ମାଣର ସମସ୍ତ ରେକର୍ଡ଼ ଓ ନଥିପତ୍ର ରହୁଥିଲା । ସ୍ୱର୍ଗତା ନିୟମିତ ଆକାଉଣ୍ଟାଟ ଭାବରେ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟରେ କାର୍ଯ୍ୟ କରିଥିଲେ ।

ତାଙ୍କର ସୁପୁତ୍ର ଫଜଲ ଇଲାହୀ କମର ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତା ମାତାଶ୍ରୀ ହ. ମୁସ୍‌ଲେହ୍ ମଉଦ୍[ର.ଅ]ଙ୍କ ଉପଦେଶକୁ ସର୍ବଦା ନିଜ ସମ୍ମୁଖରେ ରଖୁଥିଲେ । ଆପଣ[ର.ଅ] କହିଲେ, ନିଜର ଡିଉଟିକୁ ସର୍ବଦା ଧ୍ୟାନ ଦେବ ଓ ନିଜର ସ୍ୱାମୀଙ୍କୁ ସର୍ବଦା ପରାମର୍ଶ ଦେବ । ଆପଣ ଏଭଳି ଏକ ଦେଶକୁ ଯାଉଛନ୍ତି ଯେଉଁଠି ଆପଣଙ୍କ ସ୍ୱାମୀଙ୍କୁ ତବ୍‌ଲିଗ୍ କାର୍ଯ୍ୟରେ ଶିଥିଳ କରିଦେବେ ନାହିଁ । ବରଂ ତାଙ୍କୁ ଅଧିକ କ୍ରିୟାଶୀଳ କରିବେ । ମୃତ୍ୟୁ ପରେ ସାଙ୍ଗରେ ରହିବା ନିମନ୍ତେ ପାଖରେ ବହୁତ ମସୟ ଥିବ । ଉକ୍ତ ଭିତ୍ତିକୁ ଦୃଷ୍ଟି ସମ୍ମୁଖରେ ରଖି ଆପଣଙ୍କୁ ଜୀବନର ସେହି ଦିନମାନଙ୍କରେ କାର୍ଯ୍ୟ କରିବାର ସମୟକୁ ଅଧିକର ଅଧିକ ଲାଭଦାୟକ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ । ସେ ଯାହା ହେଉ ନା କାହିଁକି ମାତଶ୍ରୀ ଖଲିଫା ସାନି[ର.ଅ]ଙ୍କର ଏହି ଉପଦେଶାବଳୀ ଉପରେ ସର୍ବଦା କାର୍ଯ୍ୟାନୁସରଣ କରୁଥିଲେ । ପରିସ୍ଥିତି ଯାହା ବି ହେଉ ପଛେ ମାତାଶ୍ରୀ ସର୍ବଦା ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ଦୃଷ୍ଟିରେ ରଖି ଧୈର୍ଯ୍ୟ ଓ ସାହସକୁ ବିନିଯୋଗ କରୁଥିଲେ । ପ୍ରାରମ୍ଭିକ ଦିନମାନଙ୍କରେ ସେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । କିନ୍ତୁ ଆପଣ ସେହି ସମସ୍ତ ସମସ୍ୟାକୁ ଧୈର୍ଯ୍ୟ ଓ ସାହସର ସହିତ ସହ୍ୟ କରିଥିଲେ । ଧର୍ମକୁ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol.9 Thursday 22 JUN 2023 Issue No. 25

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ସାଂସାରିକତା ଉପରେ ଅଗ୍ରାଧିକାର ଦେଉଥିଲେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଉପଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରି ୟୁରୋପ ଭଳି ଦେଶରେ ଇସ୍‌ଲାମୀୟ ଆଦର୍ଶ ସୃଷ୍ଟି କଲେ ଯେଉଁଠି ଏକ ସମୟରେ ଇସ୍‌ଲାମ୍‌ର ନାମ ଧରିବା ମଧ୍ୟ ଅପରାଧ ବୋଲି ବିବେଚନା କରାଯାଉଥିଲା । ସ୍ପେନ୍‌ରେ ତବ୍‌ଲିଗ୍ ଅହେମଦିୟତ୍‌ର କାର୍ଯ୍ୟକୁ ସଂପ୍ରସାରିତ ଓ ତ୍ୱରାନ୍ୱିତ କରିବା ଦିଗରେ ଆପଣଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ସ୍ୱର୍ଗତାଙ୍କର ସନ୍ତାନ ସନ୍ତତିଙ୍କୁ ତାଙ୍କର ପୁଣ୍ୟବଳୀଗୁଡ଼ିକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ମଧ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍[ଅ.ବ] କହିଲେ: ତୃତୀୟ ଯନାଜାଃ ହେଲା ସମ୍ମାନନୀୟା ସ୍ୱର୍ଗତା ତାହିରା ହନୀଫ୍ ସାହେବଙ୍କର । ସ୍ୱର୍ଗତା ସୟଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବଙ୍କର ସୁପୁତ୍ରୀ ଥିଲେ ଏବଂ ମିର୍ଜା ହନୀଫ୍ ଅହେମଦ୍ ସାହେବ ସ୍ୱର୍ଗତଙ୍କର ପତ୍ନୀ ଥିଲେ । ବିଗତ ଦିନରେ ତାଙ୍କର ଅକାଳ ବିୟୋଗ ଘଟିଛି । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍** । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ଓସିୟତ୍ କାରିଣୀ ମହିଳା ଥିଲେ । ଯେପରିକି ମୁଁ କହିଲି ଯେ, ସ୍ୱର୍ଗତା ହ. ଖଲିଫତୁଲ୍ ମସିହ୍ ସାଲିସ୍[ର.ଅ]ଙ୍କ ପୁତ୍ରବଧୂ ଥିଲେ ଏବଂ ମୋର ମାଇଁ ମଧ୍ୟ ଥିଲେ। ୧୯୩୬ ମସିହାରେ ସେ କାଦିଆନ୍ ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ସ୍ୱର୍ଗତ ସୟଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ଥିଲେ । ଯେକି ବୁଖାରୀ ଭଳି ବୃହତାକାୟ ହଦିସ୍ ପୁସ୍ତକର ବ୍ୟଖ୍ୟାକାର ମଧ୍ୟ ଥିଲେ ଓ ଜଣେ ସୁଦକ୍ଷ ବିଦ୍ୱାନ ବ୍ୟକ୍ତି ଥିଲେ । ସ୍ୱର୍ଗତାଙ୍କ ପିତାଶ୍ରୀ ଆରବରେ ମଧ୍ୟ ରହିଛନ୍ତି । ସ୍ୱର୍ଗତା ତାହିରା ବେଗମ ସାହେବାଙ୍କ ମାତାଙ୍କ ନାମ ସୟଦ୍ ସୟାରାହ୍ ସାହେବା ଥିଲା । ସେ ଦମିଶ୍‌କ୍‌ର ଅଧିବାସୀ ଥିଲେ । ତାଙ୍କର ମାତା ଜଣେ ଆରବୀୟ ମହିଳା ଥିଲେ । ତାଙ୍କର ଦଦା ହ. ଡାକ୍ତର ସୟଦ୍ ଅବ୍‌ଦୁସ୍ ସତ୍ତାର୍ ଶାହ୍ ସାହେବଙ୍କ ମାଧ୍ୟମରେ ତାଙ୍କ ବଂଶରେ ଅହେମଦିୟତ୍ ପ୍ରବିଷ୍ଟ ହୋଇଥିଲା। ଯେକି ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ କରିଥିଲେ ଓ ଏଥି ନିମନ୍ତେ ସେ ଅଲ୍ଲାଃତାଲାଙ୍କ କୃପାରୁ ସମଗ୍ର ବଂଶର ମାର୍ଗଦର୍ଶନ କରିଥିଲେ । ଅର୍ଥାତ ଆବାଳ ବୃଦ୍ଧ ବନୀତାଙ୍କୁ ସ୍ୱପ୍ନ ମାଧ୍ୟମରେ ଅଲ୍ଲାଃତାଲା ମଧ୍ୟ ମାର୍ଗଦର୍ଶନ କରୁଥିଲେ ଏବଂ ସେମାନଙ୍କର ବିଶ୍ୱାସକୁ ସୁଦୃଢ ପ୍ରଦାନ କରିଥିଲେ । ହ. ଡାକ୍ତର ସୟେଦ୍ ଅବ୍ଦୁସ୍ ସତ୍ତାର ଶାହ୍ ସାହେବ ର.ଅ ହ. ଖଲିଫତୁଲ୍ ମସିହଉର୍ ରେବ ର.ଅଙ୍କ ନନା ଥିଲେ । ଏହିପରି ସେ ହୁଜୁର ର.ଅଙ୍କ ମାମୁ ଝିଅ ଭଉଣୀ ଥିଲେ । ସମ୍ମାନନୀୟା ସ୍ୱର୍ଗତା ତାହିରା ବେଗମ ସାହେବା ୧୯୭୨ ମସିହାରୁ ୧୯୯୦ ମସିହା ପର୍ଯ୍ୟନ୍ତ ଲଜନା ଇମାଇଲ୍ଲା ରବ୍‌ୱାର ସେକ୍ରେଟାରୀ ଇସ୍‌ଲାହ୍ ଓ ଇର୍ଶାଦର ସେବା କରିବାର ସାମର୍ଥ୍ୟ ଲାଭ ହୋଇଥିଲା । ପୁନଶ୍ଚ ସେରାଲିଓନ୍ ଠାରେ ମଧ୍ୟ ନିଜର ୱକ୍‌ଫେ ଜିନ୍ଦିଗୀ ସ୍ୱାମୀଙ୍କ ସହିତ ସେ କିଛି ବର୍ଷ ସମୟ ଅତିବାହିତ କରିଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କୁ ତିନୋଟି କନ୍ୟା ସନ୍ତାନ ଓ ଏକମାତ୍ର ପୁତ୍ର ସନ୍ତାନ ପ୍ରଦାନ କରିଥିଲେ ।

ତାଙ୍କର ଜ୍ୟେଷ୍ଠ କନ୍ୟା ଅମତୁଲ୍ ମୁମିନ୍ ସାହେବା କୁହନ୍ତି, ଆମେମାନେ ମାତାଶ୍ରୀଙ୍କୁ ସର୍ବଦା ପାଞ୍ଚବେଳା ନମାଜ ପାଠ କରିବା ବ୍ୟତୀତ ନାମଜ ତେହଜୁଦ, ଓଷା ବ୍ରତାଦି ରଖିବା ଓ ପବିତ୍ର କୁରଆନ୍ କରୀମ୍ ତିଲାଓତ୍‌ରେ ନିୟମିତତା ଓ ନିମଜ୍ଜିତ ଥିବାର ଦେଖିଛୁ । ବରଂ ଇଶ୍ରାକ୍ ସମୟର ନମାଜ ମଧ୍ୟ ସେ ପଢୁଥିଲେ । ବେଳେ ବେଳେ ସେ ନିଜର ରୁଟିନରୁ ପଛଘୁଞ୍ଚା ଦେଉଥିବା କେବେ ଆମେ ଦେଖି ନାହୁଁ । ସମସ୍ତ କାର୍ଯ୍ୟ ଅତ୍ୟନ୍ତ ପରିଶ୍ରମର ସହିତ କରୁଥିଲେ । ଉପାସନା ମଧ୍ୟ ଅତ୍ୟନ୍ତ ପ୍ରେମ ଓ ନିଷ୍ଠାର ସହିତ ସମ୍ପାଦନ କରୁଥିଲେ । ମୁଁ ମାତାଶ୍ରୀଙ୍କର ଏହିଭଳି କାର୍ଯ୍ୟ ସବୁ ଦେଖି ଆଶ୍ଚର୍ଯ୍ୟ ହେଉଥିଲି ଯେ, ମାତାଶ୍ରୀ ଉପାସନା କରିବା ସହିତ ଅନ୍ୟ ସାଂସାରିକ କାର୍ଯ୍ୟ କିପରି ସମ୍ପାଦନ କରୁଛନ୍ତି ? ଶ୍ୱଶୁର ଘରର ଅଧିକାର, ପଡ଼ୋଶୀମାନଙ୍କର ଅଧିକାର, ମୋ ପିତାଶ୍ରୀଙ୍କ ଯତ୍ନ ନେବା, ଆମ ସମସ୍ତଙ୍କର ଖାଇବା ପିଇବା ପ୍ରତି ଚିନ୍ତିତ ରହିବା, ଅତିଥି ସତ୍କାର କରିବା ଭଳି ଯାବତୀୟ କାର୍ଯ୍ୟ ଅତ୍ୟନ୍ତ ଆଗ୍ରହର ସହିତ ସମ୍ପାଦନ କରୁଥିଲେ । ଜମାଅତ୍ ପ୍ରତି ପ୍ରେମ, ଖଲିଫାମାନଙ୍କ ପ୍ରତି ଆନ୍ତରୀକତା ତଥା ଯିଏବି ଆପଣଙ୍କ ଜୀବନରେ ଆସିଲେ ସେହି ସମସ୍ତ ବ୍ୟକ୍ତିଙ୍କ ସହିତ ଅତ୍ୟନ୍ତ ନିଷ୍ଠାପୂର୍ଣ୍ଣ ସଂପର୍କ ରଖିଥିଲେ। ସ୍ୱର୍ଗତାଙ୍କ ଖିଲାଫତ୍ ପ୍ରତି ଗଭୀର ନିଷ୍ଠା ଓ ଆନ୍ତରିକତା ରହିଥିଲା ଓ ଜଣେ ବିଶ୍ୱସ୍ତ ମହିଳା ଥିଲେ । ଓସିୟତ୍‌ର ସବୁବୁବେଳେ ତାଙ୍କୁ ଚିନ୍ତା ରହୁଥିଲା । ଖଲିଫାଙ୍କ ନିକଟକୁ ପତ୍ର ଲେଖିବାକୁ ଆମମାନଙ୍କୁ ସର୍ବଦା ଅନୁପ୍ରାଣିତ କରୁଥିଲେ ଏବଂ କହୁଥିଲେ ଖଲିଫାଙ୍କ ନିକଟକୁ ପତ୍ର ଲେଖିଦେଲା ପରେ ମୋତେ ଅତ୍ୟନ୍ତ ଆନନ୍ଦ ଓ ସନ୍ତୁଷ୍ଟି ପ୍ରାପ୍ତ ହେଉଛି। ହୁଜୁର ଅନ୍‌ୱର୍[ଅ.ବ] କହିଲେ, ସ୍ୱର୍ଗତା ମୋତେ ମଧ୍ୟ ନିୟମିତ ରୂପେ ପତ୍ର ଲେଖୁଥିଲେ ଏବଂ ପ୍ରତ୍ୟେକ ଖୁତ୍‌ବା ପରେ ତାଙ୍କର ଅନେକ ପତ୍ର ମୋତେ ହସ୍ତଗତ ହେଉଥିଲା । ସେହି ପତ୍ରରେ ଅନେକ ପ୍ରକାରର ଟୀକା ଓ ଟିପ୍ପଣୀ ମଧ୍ୟ ସେ ଉଲ୍ଲେଖ କରୁଥିଲେ । ତାଙ୍କୁ ଯଦି ମୋର କେତେକ କଥା ଭଲ ଲାଗୁଥିଲା ତେବେ ସେ ବିଶେଷ କରି ସେହି କଥାଗୁଡ଼ିକର ଚର୍ଚ୍ଚା ଅବଶ୍ୟ କରୁଥିଲେ । ସ୍ୱର୍ଗତା କେବେ ବି ଆପତ୍ତିପୂର୍ଣ୍ଣ କଥା କରୁ ନଥିଲେ। ବରଂ ଯଦି ଆପତ୍ତିପୂର୍ଣ୍ଣ କୌଣସି କଥା ହେଉଥିଲା ଯହିଁରେ ଆମେମାନେ ସଂଶ୍ଳୀଷ୍ଟ ହେଉଥିଲୁ ତେବେ ସେପରିପ୍ରାକ୍ଷୀରେ ମାତାଶ୍ରୀ ଆମମାନଙ୍କୁ କହୁଥିଲେ ଯେ, ଆପତ୍ତିପୂର୍ଣ୍ଣ କଥାର ପଡ଼ିବା ଆବଶ୍ୟକ ନୁହେଁ । ଆପତ୍ତିପୂର୍ଣ୍ଣ କଥାରେ ପଡିବା ଦ୍ୱାରା ମୁଁ ସର୍ବଦା କ୍ଷତି ହିଁ ଦେଖିଛି । କିଛି ଲାଭ ମିଳିଥିବାର ଦେଖି ନାହିଁ ।

ଯେପରିକି ମୁଁ କହିଲି ଯେ, ସ୍ୱର୍ଗତାଙ୍କ ଖିଲାଫତ୍ ସହିତ ଗଭୀର ସଂପର୍କ ଥିଲା, ସ୍ୱର୍ଗତା ଦାରିଦ୍ର୍ୟ ହିତୈଷିଣୀ ମହିଳା ଥିଲେ । ଅଖ୍‌ତର୍ ସାହେବ ନାମକ ଜଣେ ବ୍ୟକ୍ତି ମୋତେ ପତ୍ର ଲେଖନ୍ତି ଯେ, ଆମର ପିତାଶ୍ରୀ ଆମର ମାତାଶ୍ରୀଙ୍କୁ ଯେତେବେଳେ ପରିତ୍ୟାଗ କରିଦେଲେ ସେତେବେଳେ ସ୍ୱର୍ଗତା ତାହିରା ବେଗମ୍ ସାହେବା ନିଜ ଘରେ ଆମକୁ ଆଶ୍ରୟ ଦେଇଥିଲେ ଓ ନିଜର ପିଲାମାନଙ୍କ ପରି ଆମର ସେବା ଯତ୍ନ ନେଇଥିଲେ । ଖାଇବା ପିଇବା, ବସ୍ତ୍ର ଓ ପାଠ ପଢାର କୌଣସି ଅଭାବ ଆମେ କେବେ ଅନୁଭବ କରି ନାହୁଁ।

ଅଲ୍ଲାଃତାଲା ସମସ୍ତ ମୃତକ ଏବଂ ମୃତକାମାନଙ୍କ ପ୍ରତି ସଦୟ ହୁଅନ୍ତୁ। ବୈକୁଣ୍ଠରେ ସେମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ସେମାନଙ୍କର ସନ୍ତାନ ସନ୍ତତିଙ୍କୁ ନିଜ ପୂର୍ବପୁରୁଷଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିଭଳି ପୂର୍ବଜଙ୍କର ପୁଣ୍ୟାବଳୀଗୁଡ଼ିକୁ ସେମାନଙ୍କର ସନ୍ତାନ ସନ୍ତିଙ୍କୁ ଅବ୍ୟାହତ ରଖିବା ପାଇଁ ସାମର୍ଥ୍ୟ ମଧ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

☆ ☆ ☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan